୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.267 Bhubaneswar Friday December 06 2024 | ୨୬ତମ ବର୍ଷ ସଂଖ୍ୟା-୨୬୭ ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୦୬, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବିଜେଡି ସରକାରର ପୁଳାପୁଳା 'ପାପ' ଖୋଲିବ କେମିତି, ଚାପି ଦେବାକୁ ଉଦ୍ୟମ କରୁଛି କିଏ?




ଭୁବନେଶ୍ୱର,୫।୧୨(ପି.ଏନ): ରାଜ୍ୟରେ ୨୪ବର୍ଷର ବିଜେଡି ଶାସନକାଳର 'ପାପ'କୁ ଲୁଚାଇବାକୁ ଉଦ୍ୟମ ଚାଲିଛି କି? ବିଜେଡିର ଏକଛତ୍ରବାଦୀ ଶାସନରେ ଯେଉଁସବୁ ପୁଳାପୁଳା ଅନିୟମିତତା, କେଲେଙ୍କାରୀ, ଦୁର୍ନୀତି ଓ ହତ୍ୟା ଆଦି ହୋଇଛି ସେସବୁକୁ ଚାପି ଦେବାକୁ କସରତ ହେଉଛି କି? 'ବିଧାନସଭାରେ ପ୍ରଶ୍ନ'ର ଉତ୍ତର ରଖିବା ହେଉ ଅବା ସୂଚନା ଅଧିକାର ଆଇନରେ 'ସୂଚନା' ଦେବା ହେଉ ରାଜ୍ୟର କ୍ଷମତାସୀନ ବିଜେପି ସରକାର ଏସବୁରେ ଟାଳଟୁଳ ନୀତି ଅବଲମ୍ବନ କରିବାରେ ଲାଗିଛନ୍ତି । ଆଉ ମାତ୍ର ସପ୍ତାହେ ପରେ ରାଜ୍ୟରେ ବିଜେପି ସରକାରକୁ ୬ମାସ ପୁରିବ । କିନ୍ତୁ ବିଜେଡି ସରକାରର ଯେଉଁ ସବୁ ଅନିୟମିତତା ଓ କେଲେଙ୍କାରୀକୁ ନେଇ ବିଜେପି ନିଜେ ରାଜରାସ୍ତାରେ ତୁମ୍ବିତୋଫାନ କରୁଥିଲା ଏବେ ଦଳ କ୍ଷମତାକୁ ଆସିବା ପରେ ସେହିସବୁ ପ୍ରସଙ୍ଗ ଉପରେ ଅସମ୍ଭବ ନୀରବତା ଆପଣାଇଛି । ମନ୍ତ୍ରୀ ନବ ଦାସ ହତ୍ୟା , ପାରାଦୀପ ସମୁଦ୍ରରେ ବ୍ଲାକରୋଜ୍ ଜାହାଜ ବୁଡି, ଭିକେ ପାଣ୍ଡିଆନଙ୍କ ସୁରକ୍ଷା ଓ ମାରାଥନ୍ ବିମାନବୁଲା, ବିନା ଗାଇଡଲାଇନରେ କୋଟିକୋଟି ଟଙ୍କା ପାଣ୍ଠି ମଞ୍ଜୁର ଆଦି ସମେତ ବହୁ ଦୁର୍ନୀତି,ଅନିୟମିତତା ଓ ହତ୍ୟା ମାମଲାରେ ବିଜେପି ସରକାର ନିରବ ରହିବା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଗଠନକୁ ୬ ମାସ ପୁରିବାକୁ ବସିଲାଣି ସତ କିନ୍ତୁ ବିଜେଡି ସରକାରର ୨୪ବର୍ଷର ଶାସନ କିମ୍ବା ବିଜେଡିର ବିବାଦୀୟ ବଡପଣ୍ଡାମାନଙ୍କ ବିରୁଦ୍ଧରେ କୌଣସି ଗୋଟିଏ ବି ଅଭିଯୋଗ ଉପରେ ଏପର୍ଯ୍ୟନ୍ତ ସାମାନ୍ୟତମ କାର୍ଯ୍ୟାନୁଷ୍ଠାନ ନେବା ସମ୍ଭବପର ହୋଇପାରିନାହିଁ । ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ସରକାର ବିରୁଦ୍ଧରେ ଦୁର୍ନୀତି,ଅନିୟମିତତା ଓ କଳାଶାସନର ପୁଳାପୁଳା ଅଭିଯୋଗ ଆଣୁଥିବା ବିଜେପି ଏବେ ରାଜ୍ୟରେ କ୍ଷମତାକୁ ଆସିବାପରେ ସତେଯେମିତି ସେସବୁକୁ ଆଖିବୁଜି ଦେଇଛି ।

### ଓଡିଶାରେ ଠାବ ହୋଇଛି ୨ଟି ସୁନାଖଣି

ଭୁବନେଶ୍ୱର,୫।୧୨(ପି.ଏନ): ଓଡିଶାରେ ୨ଟି ସୁନାଖଣି ଠାବ ହୋଇଛି । ଗୋଟିଏ ଖଣି ଦେବଗଡ ଓ ଆଉ ଗୋଟିଏ କେନ୍ଦୁଝର ଜିଲ୍ଲାରେ ସନ୍ଧାନ ମିଳିଥିବା ନେଇ ରାଜ୍ୟ ସରକାର ସୂଚନା ଦେଇଛନ୍ତି।

## ଆସନ୍ତାକାଲି ଜନ୍ମଭୂମିକୁ ରାଷ୍ଟ୍ରପତିଙ୍କ ଗସ୍ତ

ଭୁବନେଶ୍ୱର,୫।୧୨(ପି.ଏନ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଐତିହାସିକ ଓଡିଶା ଗସ୍ତ ମଙ୍ଗଳବାର ଠାରୁ ଆରମ୍ଭ ହୋଇଯାଇଛି। ମହାମହିମ ଶ୍ରୀମତୀ ମୁର୍ମୁ ରାଜ୍ୟରେ ୫ ଦିନ ରହି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଐତିହାସିକ ଦିବସକୁ ସ୍ମରଣୀୟ ରଖିବା ପାଇଁ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବୁଧବାର ସକାଳ ୯ଟାରେ ରାଜଭବନରୁ ବାହାରିଥିଲେ। ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଏକ ସ୍ୱତନ୍ତ୍ର ହେଲିକ୍ୟାପ୍ଟର ଯୋଗେ ପୂର୍ବାହ୍ନ ୯ଟା ୪୫ମିନଟରେ ପୁରୀସ୍ଥିତ ତାଳବଣୀଆ ହେଲିପ୍ୟାଡରେ ଅବତରଣ କରିଥିଲେ। ସେଠାରେ ପୂର୍ବାହ୍ନ ୧୦ଟା ସମୟରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ରାଷ୍ଟ୍ରପତି। ଏହାପରେ ୧୦.୫୦ରେ ପୁରୀସ୍ଥିତ ଶ୍ରୀ ଗୋପବନ୍ଧୁ ଆୟୁର୍ବ?ଦିକ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମଧ୍ୟାହ୍ନ ୧୨ଟାରେ ସେଠାରୁ ବାହାରି ପୁରୀ ରାଜଭବନ ଠାରେ ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନ ୩ଟା ୩୦ମିନିଟ ସମୟରେ ନୌସେନା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୁଧବାର ରାତି ପୁରୀ ରାଜଭବନ ଠାରେ ରାଷ୍ଟ୍ରପତିଙ୍କ ରାତ୍ରୀଯାପନ କରିଥିଲେ।

## ରାଜଧାନୀରେ ଚଳନ୍ତା କାରରେ ଲାଗିଲା ନିଆଁ



ଭୁବନେଶ୍ୱର,୫।୧୨(ପି.ଏନ): ପୁଣି ରାଜଧାନୀରେ ଦେଖିବାକୁ ମିଳିଛି ଏକ ଭୟାବହ ଦୃଶ୍ୟ । ଭୁବନେଶ୍ୱର କୋର୍ଟ ନିକଟରେ ଏକ ଚଳନ୍ତା କାରରେ ନିଆଁ ଲାଗିଥିବା ଘଟଣା ସାମ୍ନାକୁ ଆସିଛି । କାରରେ ଥିବା ସମସ୍ତେ ସୁରକ୍ଷିତ ଥିବା ଜଣାପଡିଛି । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା । କିଛି ସମୟ ପାଇଁ ଯାତାୟାତରେ ବାଧା ଦେଖା ଦେଇଥିଲା ।

### ଆଳୁ ସଙ୍କଟ: କୃତ୍ରିମ ଅଭାବ କହି ଖସି ଯିବାକୁ ଯୋଗାଣ ମନ୍ତ୍ରୀଙ୍କ ଅପଚେଷ୍ଟା, ବିରୋଧୀଙ୍କ କଡ଼ା ସମାଲୋଚନା

ଭୁବନେଶ୍ୱର,୫।୧୨(ପି.ଏନ): ପଶ୍ଚିମବଙ୍ଗ ଛାଡୁନି ଆଳୁ । ରାଜ୍ୟର ବିଜେପି ସରକାର ସେଠାରୁ ଯୋଗାଣ ସ୍ୱାଭାବିକ କରିବାକୁ ହେଉନାହାନ୍ତି ସମର୍ଥ । ରାଜ୍ୟରେ ବଢ଼ି ଚାଲିଛି ଆଳୁ ଦର । ଏମିତି ସ୍ଥିତିରେ ଆଳୁ ଦରକୁ ନେଇ ରାଜ୍ୟ ସରକାର ଲୋକଙ୍କ ସହ ଖେଳୁଛନ୍ତି । ସ୍ଥିତି ଗମ୍ଭୀର ଥିବା ବେଳେ ଦାୟିତ୍ୱହୀନ ଭାବେ ଉଭଟ ଯୁକ୍ତି ବାଢୁଛନ୍ତି ଯୋଗାଣ ମନ୍ତ୍ରୀ । ଆଳୁ ଦର କେମିତି କମିବ ସେ ବ୍ୟବସ୍ଥା କରିବା ବଦଳରେ କୃତ୍ରିମ ଅଭାବ ଦର୍ଶାଇ ନିଜେ ଖସି ଯିବାକୁ ଚାହୁଁଛନ୍ତି । ଯାହାକୁ ନେଇ ସବୁ ମହଲରେ ନିନ୍ଦା କରାଯାଉଛି ।ଆଳୁ ଦରକୁ ନେଇ ଓଡିଶାବାସୀ ହେଉଛନ୍ତି ହନ୍ତସନ୍ତ । ହେଲେ ଯୋଗାଣ ମନ୍ତ୍ରୀଙ୍କୁ ଚିନ୍ତା ନାହିଁ । ବାରମ୍ବାର ଗଣମାଧ୍ୟମ ଆଗରେ କରୁଛନ୍ତି ବେଫିକର ବୟାନବାଜି । କେତେବେଳେ କହୁଛନ୍ତି ଟ୍ରେନରେ ଆଳୁ ଆସିଲେ ଦର କମିବ ତ କେତେବେଳେ ୟୁପି ଆଳୁର ବାହାନା ଦେଖାଉଛନ୍ତି ।

## ଭୁବନେଶ୍ୱରରେ ନୂଆ ଜୁଡିସିଆଲ୍ କୋର୍ଟ କମ୍ପ୍ଲେକ୍ସ ଲୋକାର୍ପିତ



ଭୁବନେଶ୍ୱର,୫।୧୨(ପି.ଏନ):ଝଟକିଲା ନୂଆ ନ୍ୟାୟିକ କୋଠା। ଚାରି ଦଶନ୍ଧି ପରେ ଚମକିଲା ଭୁବନେଶ୍ୱର ନୂଆ ଜୁଡିସିଆଲ୍ କମ୍ପ୍ଲେକ୍ସ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ଲୋକାର୍ପିତ ହୋଇଛି ଭବ୍ୟ କୋଠା। ରାଜ୍ୟପାଳ ରଘୁବର ଦାସ, ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂଙ୍କ ଉପସ୍ଥିତିରେ ଏହି କଂପ୍ଲେକ୍ସର ଲୋକାର୍ପଣ କରିଛନ୍ତି ରାଷ୍ଟ୍ରପତି। ପରେ ଅଭିଭାଷଣ ରଖି ସାଧାରଣ ଜନତାଙ୍କୁ ତ୍ୱରିତ ନ୍ୟାୟ ଓ ନ୍ୟାୟିକ ସାକ୍ଷରତା ଉପରେ ଗୁରୁତ୍ୱାରୋପ କରିଛନ୍ତି ରାଷ୍ଟ୍ରପତି। ରାଷ୍ଟ୍ରପତି କହିଛନ୍ତି, ଶୁଣାଣି ବେଳେ ବାରମ୍ବାର ତାରିଖ ଘୁଞ୍ଚାଇବା ପ୍ରକ୍ରିୟାରେ ଯେପରି ପୂର୍ଣ୍ଣଛେଦ ପଡିବ ତା' ଉପରେ ଗୁରୁତ୍ୱ ଦିଆଯିବ ବୋଲି ଆଶା କରୁଛି। ଭାଷା ଯୋଗୁ ନ୍ୟାୟପାଳିକାଠାରୁ ସାଧାରଣ ଲୋକଟିଏ ଦୂରେଇ ଯାଉଛି। ଲୋକଙ୍କ ଭାଷାରେ ନ୍ୟାୟପାଳିକାର କାର୍ଯ୍ୟ ସଂପାଦିତ ହେବା ଆବଶ୍ୟକ। ବ୍ଲାକ କୋଟ୍ ସିଣ୍ଡରୋମ୍ ପ୍ରସଙ୍ଗ ଉଠାଇ ରାଷ୍ଟ୍ରପତି କହିଛନ୍ତି, କୋର୍ଟ କଚେରୀକୁ ଯାଇ ସାଧାରଣ ଲୋକଟି ଶଙ୍କି ଯାଇଥାଏ। ସ୍ୱାଧୀନ ଭାରତରେ ଭୟର କୌଣସି ସ୍ଥାନ ନାହିଁ। କୋର୍ଟ କଚେରୀ ଓ ଥାନାରେ ଆତ୍ମୀୟତା ବାତାବରଣ ରହିବା ଆବଶ୍ୟକ ବୋଲି କହିଛନ୍ତି ରାଷ୍ଟ୍ରପତି।

## ବିଧାନସଭାରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ପାରିତ

### ପ୍ରତିଟି ରାଜ୍ୟବାସୀଙ୍କ ମୁଣ୍ଡରେ ୨୦୧୭୭ଟଙ୍କାର ଋଣବୋଝ



ଭୁବନେଶ୍ୱର,୫।୧୨(ପି.ଏନ): ଚଳିତବର୍ଷ ଅକ୍ଟୋବର ମାସ ଶେଷସୁଦ୍ଧା ରାଜ୍ୟର ପ୍ରତ୍ୟେକ ଲୋକଙ୍କ ମୁଣ୍ଡରେ ୨୦୧୭୭ଟଙ୍କାର ଋଣବୋଝ ରହିଛି । କିନ୍ତୁ ଏହି ଋଣବୋଝ ଅନ୍ୟ ରାଜ୍ୟଗୁଡିକ ତୁଳନାରେ ଯଥେଷ୍ଟ କମ୍ । ତେଣୁ ରାଜ୍ୟର ଋଣଭାର ଓ ମୁଣ୍ଡପିଛା ଋଣକୁ ନେଇ ବିଧାୟକମାନେ ଚିନ୍ତା ବ୍ୟକ୍ତ କରିବାର ଆବଶ୍ୟକତା ନାହିଁ। ଆଜି ଏଭଳି ଢଙ୍ଗରେ ବିଧାନସଭାରେ ଅର୍ଥ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପକ୍ଷରୁ ମତ ରଖିଛନ୍ତି ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହାସହିତ ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୨୧୫୫ କୋଟି ୭୩ଲକ୍ଷ ୫୧ହଜାର ଟଙ୍କାର ଅତିରିକ୍ତ ବ୍ୟୟବରାଦ ନିମନ୍ତେ ବ୍ୟୟମଞ୍ଜୁରୀ ବିଲ ମଧ୍ୟ ଆଜି ଅନୁମୋଦନ ଲାଭ କରିଛି । ବ୍ୟୟମଞ୍ଜୁରୀ ବିଲ୍ ଉପରେ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନଙ୍କ ଆଲୋଚନା ପରେ ଅର୍ଥମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ରଖି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, କେତେକ ବିଧାୟକ ରାଜ୍ୟର ଋଣବୋଝ ଓ ମୁଣ୍ଡପିଛା ଋଣକୁ ନେଇ ଚିନ୍ତା ବ୍ୟକ୍ତ କରଇଛନ୍ତି । ତେବେ ରାଜ୍ୟ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଅଧିନିୟମ-୨୦୦୫ ଅନୁଯାୟୀ ରାଜ୍ୟର ଋଣଭାର ରାଜ୍ୟ ସକାଳ ଘରୋଇ ଉତ୍ପାଦର ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବା ଜରୁରୀ । ରାଜ୍ୟ ମହାଲେଖାକାରଙ୍କଠୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟର ରାଜସ୍ୱ ବଳକା ସ୍ଥିତି ବଜାୟ ଥିବାବେଳେ ଋଣଭାର ମୋଟ ରାଜ୍ୟ ଜିଡିପି ଅନୁପାତ ୧୦.୧୨ ପ୍ରତିଶତ ରହିଛି । ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ମଧ୍ୟ ୧.୮୫ ପ୍ରତିଶତରେ ସୀମିତ ରହିଛି । ତେଣୁ ଏସବୁ ବିତ୍ତୀୟ ସୂଚକାଙ୍କ ଧାର୍ଯ୍ୟ ସୀମା ତୁଳନାରେ ଯଥେଷ୍ଟ ତଳେ ରହିଅଛି । ଚଳିତବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ଆମର ଋଣଭାର ଗତବର୍ଷ ଶେଷର ଋଣଭାର ତୁଳନାରେ ୨୫୯୭କୋଟି ହ୍ରାସ ପାଇଛି । ଶ୍ରୀ ହରିଚନ୍ଦନ ଆହୁରି ମଧ୍ୟ କହିଛନ୍ତି ଯେ, ଚଳିତବର୍ଷ ରାଜ୍ୟ ସରକାର ସମ୍ବଳ ସଂଗ୍ରହ ନେଇ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ହାସଲ କରିପାରିବେ । ଚଳିତ ଆର୍ଥିକ ବର୍ଷର ନଭେମ୍ବର ମାସ ଶେଷ ସୁଦ୍ଧା ରାଜ୍ୟର ମୋଟ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ୧୦ ପ୍ରତିଶତ ବୃଦ୍ଧି ହାସଲ ହୋଇଛି । ଏହା ବଜେଟ୍ ଆକଳନର ୫୪.୫% ଅଟେ । କେନ୍ଦ୍ରୀୟ ସହାୟତାରେ ବୃଦ୍ଧି ହୋଇଛି । ଜିଏସଟି, ଅବକାରୀ ଶୁଳ୍କ, ଯାନବାହନ ଟିକସ ଓ ଡିଭିଡେଣ୍ଡ ସଂଗ୍ରହରେ ମଧ୍ୟ ବୃଦ୍ଧି ହୋଇଛି । ଚଳିତ ଆର୍ଥିକ ବର୍ଷରେ ବଜେଟ୍ ଆକଳନ ଅନୁସାରେ ଧାର୍ଯ୍ୟ ରାଜସ୍ୱ ଆଦାୟ ଲକ୍ଷ୍ୟ ବର୍ଷ ଶେଷରେ ହାସଲ କରାଯାଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ଶପଥଗ୍ରହଣ ଉତ୍ସବରେ ଏକନାଥ ସିନ୍ଦେଙ୍କଠାରୁ କେହି ଏମିତି ଆଶା କରିନଥିଲେ



ଭୁବନେଶ୍ୱର,୫।୧୨(ପି.ଏନ): ମହାରାଷ୍ଟ୍ରରେ ଆଜି ସରକାର ଗଠନ କରିଛି ମହାୟୁତି ମେଣ୍ଟ। ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ବିଜେପି ନେତା ଦେବେନ୍ଦ୍ର ଫଡନାବିସ। ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ଶିବ ସେନା ନେତା ଏକନାଥ ସିନ୍ଦେ ଓ ଏନ୍?ସିପି ନେତା ଅଜିତ ପାୱାର। ମୁମ୍ବାଇର ଆଜାଦ ମୈଦାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ବେଳେ ମଞ୍ଚାସୀନ ଅତିଥିଙ୍କୁ ଅକଳରେ ପକାଇ ଦେଇଥିଲେ ଏକନାଥ ସିନ୍ଦେ। ଶପଥ ନେବା ବଦଳରେ ଲିଖିତ ଭାଷଣ ଆରମ୍ଭ କରି ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ। ତେବେ ରାଜ୍ୟପାଳ ସ୍ଥିତିକୁ ସୁଧାରି ଦେଇଥିଲେ। ଶପଥ ନେବା ପାଇଁ ଏକନାଥ ସିନ୍ଦେ ଉଦ୍ଦିଷ୍ଟ ସ୍ଥାନରେ ମାଇକ୍ରୋଫୋନ୍ ସମ୍ମୁଖରେ ଯାଇ ଠିଆ ହୋଇଥିଲେ।

## ଓଡ଼ିଶାରେ ବନ୍ଦ ହେବ ଗୋହତ୍ୟା-ଗୋଚାଲାଣ, ଆଇନ ଆସିବ କହିଲେ ମନ୍ତ୍ରୀ

ଭୁବନେଶ୍ୱର,୫।୧୨(ପି.ଏନ): ଗୋ ହତ୍ୟା ରୋକିବା ପାଇଁ ଆସିବ ନୂଆ ଆଇନ । ଓଡିଶାରେ ବନ୍ଦ ହେବ ଗୋହତ୍ୟା । ଆସାମ ପରି ଓଡିଶାରେ ଗୋ ହତ୍ୟା ବନ୍ଦ ନେଇ ନୂଆ ଆଇନ ଆସିବ । ଗୋମାଂସ ଏବଂ ଗୋଚାଲାଣ ମଧ୍ୟ ବନ୍ଦ ହେବ କହିଲେ ଆଇନ ମନ୍ତ୍ରୀ । ସରକାର ଖୁବଶୀଘ୍ର କଡା ଆଇନ ସହିତ ବିଲ୍ ଆଣିବା ପାଇଁ ବିଚାର କରୁଛନ୍ତି । ଗୋଚାଲାଣ ଏବଂ ଗୋହତ୍ୟା ଉପରେ ରୋକ୍ ନେଇ ଆଭିମୁଖ୍ୟ ସ୍ପଷ୍ଟ ହେବା ନେଇ କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଗୋ ହତ୍ୟା ନେଇ ବିଧାନସଭା ଅଧିବେଶନରେ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆସିପାରେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।ତେବେ ଆଇନ ମନ୍ତ୍ରୀଙ୍କ ଉକ୍ତିକୁ ବିରୋଧ କରିଛନ୍ତି ଉଭୟ ବିଜେଡି ଏବଂ କଂଗ୍ରେସ । ବିଜେପିକୁ କଟାକ୍ଷ କରି କହିଛନ୍ତି । କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ପ୍ରଥମେ ବିଦେଶକୁ ଗୋମାଂସ ଚାଲାଣକୁ ବନ୍ଦ କରାଯାଉ । ବିଦେଶକୁ ଅଧିକ ଗୋମାଂସ ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶରୁ ଯାଉଛି । ସେଠାରେ ଫ୍ୟାକ୍ଟ୍ରି ମଧ୍ୟ କରାଯାଇଛି । ସେଥିରେ କେଉଁମାନଙ୍କର ସଂପୃକ୍ତି ରହିଛି ପ୍ରଥମେ ଜାଣିବାକୁ ଚେଷ୍ଟା କରାଯାଉ । ପ୍ରଥମେ ବିଦେଶକୁ ଗୋଚାଲାଣ ବନ୍ଦ ହେବାର ଆବଶ୍ୟକତା ରହିଛି । ସେହିପରି ବିଜେଡି ଶାସିତ ଦଳକୁ ଟାର୍ଗେଟ କରିଛି । କେଉଁ ଦଳର ଲୋକ ଚାଲାଣ କରୁଛନ୍ତି ତାହା ଚିହ୍ନଟ କରାଯାଉ ବୋଲି ମନ୍ତ୍ରୀ କହିଛନ୍ତି ।

## ଦଖଲ ହୋଇଥିବା ଆଦିବାସୀ ଜମିକୁ କରାଯିବ ବେଆଇନ ଘୋଷଣା', ବିଧାନସଭାରେ ଉତ୍ତର ରଖିଲେ ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର,୫।୧୨(ପି.ଏନ): ଆଜିର ବିଧାନସଭା ପ୍ରଶ୍ନ କାଳ ସମୟରେ ଆଦିବାସୀ ଜମି ହଡପ ପ୍ରସଙ୍ଗରେ ପ୍ରଶ୍ନ ଉଠିଛି। ଏହି ପ୍ରଶ୍ନ ବିଜେପି ବିଧାୟକ ଭାସ୍କର ମଢେଇ କରିଛନ୍ତି। ଏହି ପ୍ରଶ୍ନରେ ସେ ପଚାରିଛନ୍ତି ଯେ, ଆଦିବାସୀଙ୍କ ଜମି ହଡପ ହୋଇଛି ଏବଂ ସେହି ଜମିରେ ସରକାରୀ ଅନୁଷ୍ଠାନ ନିର୍ମାଣ କରାଯାଇଛି। କିନ୍ତୁ ଏଠି ଆଇନ କାମ କରୁନି କି କୌଣସି ସଂଶୋଧନ ହେଉନି। ତେବେ ବିଧାନସଭାର ପ୍ରଶ୍ନକାଳରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରି ଏହାର ଉତ୍ତର ରଖି କହିଛନ୍ତି ଯେ, ଆଇନ ଏବେ ବି କଡାକାଡି ରହିଛି। ଭୂସଂସ୍କାର ଆଇନ ୧୯୬୭ ଅନୁଯାୟୀ, ଯଦି କିଏ ଆଦିବାସୀ ଜମି କିଣନ୍ତି, ତେବେ ସେହି ଜମିକୁ ବେଆଇନ ଘୋଷଣା କରାଯାଇ ଉଚ୍ଛେଦ ପ୍ରକ୍ରିୟା ଜରିଆରେ ସଂପୃକ୍ତ ଆଦିବାସୀ ଲୋକଙ୍କୁ ଜମି ଫେରସ୍ତ ନିୟମ ରହିଛି ।ଏହିଭଳି ୬୫୪ ମାମଲା ବିଚାରାଧୀନ ଅଛି । ଯଦି କେହି ଆଦିବାସୀ ଜମି ଦଖଲ କରିଛନ୍ତି, ତାକୁ ବି ବେଆଇନ ଘୋଷଣା କରାଯିବ , ଏପରି ୮୮୧ ମାମଲା ବିଚାରାଧୀନ ଅଛି ସେହିପରି କେହି ଅଣ ଆଦିବାସୀ ଯଦି ଆଦିବାସୀ ଜମି କିଣନ୍ତି, ତାକୁ ବି ବେଆଇନ ଘୋଷଣା କରି ଆଦିବାସୀଙ୍କୁ ଫେରସ୍ତ କରାଯିବ। ଏପରି ୧୯୬୯୦ ମାମଲା ବିଚାରାଧୀନ ଅଛି, ବିଚାର କରିବା କ୍ଷମତା ଜିଲ୍ଲାପାଳଙ୍କୁ ଦିଆଯାଇଛି । ସେହିପରି ଯଦି ଚଞ୍ଚକତା କରି ଆଦିବାସୀ ଜମି ନିଆଯାଇଥାଏ, ତେବେ ତା'ର ଆବଶ୍ୟକତାକୁ ବିଚାର କରିବା କ୍ଷମତା ଉପ ଜିଲ୍ଲାପାଳଙ୍କୁ ଦିଆଯାଇଛି । ଯଦି ବିଚାର ନ ହୁଏ, ଉପ ଜିଲ୍ଲାପାଳ ଏହାକୁ ଅସିଦ୍ଧ ଘୋଷଣା କରିପାରିବେ ।ଏହିପରି ୧୨ ୨୭୯ ମାମଲା ବିଚାରାଧୀନ ଥିବା ଗୃହକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗୃହରେ ଉତ୍ତର ରଖିଛନ୍ତି । ଏଥିସହ ସେ କହିଛନ୍ତି ନୂଆ ଆର ଆଣ୍ଡ ଆର ପଲିସି ଆସିବ , ୨୦୦୬ ଆର ଆଣ୍ଡ ଆର ସଂଶୋଧନ କରି ୨୦୨୫ରେ ନୂଆ ଆଧୁନିକ ଆର ଆଣ୍ଡ ଆର ପଲିସି ଆଣିବାକୁ ସରକାର ଯୋଜନା କରୁଛନ୍ତି। ଜମି ବଦଳରେ ଜମି ଦେବା ନେଇ ସରକାର ଯୋଜନା କରୁଛନ୍ତି , ଯଦି କୌଣସି ପ୍ରକଳ୍ପ ପାଇଁ ଲୋକଙ୍କ ଜମି ନିଆଯାଉଛି କ୍ଷତିପୂରଣ ପରିବର୍ତ୍ତ ? ଅନ୍ୟତ୍ର କିଭଳି ଜମି ଦିଆଯାଇ ପାରିବ ସେ ନେଇ ବ୍ୟବସ୍ଥା କରାଯିବ । ଏହା ଉପରେ ସେ ଆହୁରି ମଧ୍ୟ କହିଛନ୍ତି ଯେ, କନସିଭ ନୁହେଁ ଆମ ସରକାର ଡେଲିଭରି କରିବ।

## ଫଡନାବିସଙ୍କୁ ଅଭିନନ୍ଦନ ଜଣାଇଲେ ନବୀନ

ଭୁବନେଶ୍ୱର,୫।୧୨(ପି.ଏନ): ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଫଡନାବିସଙ୍କ ନେତୃତ୍ୱରେ ସାଧାରଣ ଜନତାଙ୍କ ସମର୍ଥନରେ ମହାରାଷ୍ଟ୍ର ବିକାଶ ଦିଗରେ ଆଗକୁ ବଢିଚାଲୁ ବୋଲି କହିଛନ୍ତି ନବୀନ ।ସୂଚନାଯୋଗ୍ୟ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ନେଇଛନ୍ତି ଫଡନାସିବ । ଏହାସହ ସେ ମହାରାଷ୍ଟ୍ରରେ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ।ଆଜି ମୁମ୍ବାଇର ଆଜାଦ ମୈ?ଦାନରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ଅନ୍ୟ ରାଜନେତା ସାମିଲ ହୋଇଥିଲେ । ଏହାସହ ସଚିନ, ଶାହାରୁଖ, ଅମୀର ଖାନ ଏବଂ ସଞ୍ଜୟ ଦତ୍ତଙ୍କ ଭଳି ବହୁ ସେଲିବ୍ରିଟିଙ୍କୁ ମଧ୍ୟ ଶପଥ ଗ୍ରହଣ ଉତ୍ସବରେ ଦେଖିବାକୁ ମିଳିଥିଲା ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୟୈସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କେବଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।



# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜେଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




**ଭୁବନେଶ୍ୱର, ୨୦୨୪, ଡିସେମ୍ବର ୬**

# ଏକରୁ ସମସ୍ତ ପ୍ରାପ୍ତି


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଅନେକ ଆବଶ୍ୟକ ନୁହେଁ ଏକରୁ ସବୁ ହାସଲ ଚିନ୍ତାରେ ପୁରୁଷ ପାଇଁ ଏକ ପତ୍ନୀ ବ୍ରତ ନାରୀ ପାଇଁ ଏକ ସ୍ୱାମୀ ବ୍ରତ। ଏକକ ସ୍ୱାମୀ ବା ସ୍ତ୍ରୀ ସୃଷ୍ଟିରେ ଅନେକ ବ୍ୟକ୍ତି ଯହିଁ ଥାଇ ଅବଶ୍ୟ ଉପୁଜଇ କଳି। ଦ୍ୱିମତ ଦୁଇଜଣ ମଧ୍ୟରେ ସୀମିତ ରହିଲେ ବାଧ୍ୟ ହୋଇ ବ୍ୟକ୍ତି ସାବଧାନ କରିବାକୁ ପୁଣି ମନକୁ ମନ ଚେଷ୍ଟା କରନ୍ତି। ସତ୍ୟବାନ ଏକ ଶବ୍ଦ ଏହା ବ୍ୟକ୍ତିଟିଏ ହୋଇବି ପାରେ ମାତ୍ର ପ୍ରକୃତରେ ଏକ ଲୋକ ବ୍ୟବହୃତ ପଦବୀ ବା ସଂଜ୍ଞା। ଯେଉଁ ବ୍ୟକ୍ତି ଏକ ପତ୍ନୀ ହାସଲ ବେଳେ ପୁରୋହିତଙ୍କର ମନ୍ତ୍ର ଉଚ୍ଚାରଣ ଭିତରେ ଅଗ୍ନୀଙ୍କୁ ସାତଥର ପରିକ୍ରମା ସ୍ୱ ସହିତ ନବପରିଣତା ପତ୍ନୀଙ୍କୁ ସାଥିରେ ନେଇ କରିଥାନ୍ତି। ସର୍ବ ସମକ୍ଷରେ ଏତଦ ସତ୍ୟମ ସମ୍ବୋଧନ ପତ୍ନୀ ରୂପେ ସ୍ୱୀକାର କରିବାରେ ସ୍ୱ ପିତାମାତା ବନ୍ଧୁଙ୍କ ମଧ୍ୟରୁ କେହି ପ୍ରତିନିଧି ହୋଇ ନିର୍ବନ୍ଧ ଥାଳିରେ ମହାପ୍ରସାଦ ପୁଟୁଳି ରଖି ଉଚ୍ଚାରଣ ତିନିଥର କରିଥାନ୍ତି। ଏସବୁ ସତ୍ୟ ରକ୍ଷା ଅଗ୍ନୀ ସାକ୍ଷୀ ବିପ୍ର ସାକ୍ଷୀ ପ୍ରୀତିବନ୍ଧବ ମଧ୍ୟରେ ନିଜର କୁଟୁମ୍ବଜନ ସାକ୍ଷୀ ସୂର୍ଯ୍ୟ ଚନ୍ଦ୍ର ସାକ୍ଷୀ ରହିଥାନ୍ତି ଏହି ସତ୍ୟକୁ ସେହି ପାଣିଗ୍ରହଣ କରାଯିବା କନ୍ୟାକୁ ଜୀବନ ସାରା କେବେ କରଛଡ଼ା ନଦେବା ତାଙ୍କ ବ୍ୟତିରେକେ ଅନ୍ୟପ୍ରତି ଆକୃଷ୍ଟ ନହେବା ହିଁ ସତ୍ୟବାନ ଶବ୍ଦର ସାର୍ଥକକାରୀ। ସବୁ ଯୁବକ ବିବାହିତ ଦିନରୁ ସତ୍ୟବାନ ହେବାପାଇଁ ଏକ ସଂକଳ୍ପ ବ୍ରତ।

ଦୁର୍ଗୁଣ ଦୁର୍ଯ୍ୟୋଗ ଦୁର୍ବାକ୍ୟ ଏମିତି ନାରୀ କେତେ ଦୁଃ ଲାଗି ପ୍ରୟୋଗ କରାଯାଇପାରେ। ଏହା ଏକ ନାରୀ ପ୍ରତି ପ୍ରୟୋଗ କରାଯାଉଛି। ନାରୀ ଅର୍ଥ ଯାହାର ଅରି ନାହାଁନ୍ତି ଅର୍ଥାତ ଶତ୍ରୁ ନାହାଁନ୍ତି। ପ୍ରକୃତରେ ସମସ୍ତ ଦେହରେ ମନରେ ସର୍ବଦା ଶତ୍ରୁ ଅଛନ୍ତି, ଛପି ରହିଛନ୍ତି। ଟିକେ ସ୍ୱାର୍ଥରେ ବାଧା ଆସିଲେ ଏମାନେ ଜାଗରୁକ ହୋଇ ପଡ଼ନ୍ତି। ରକ୍ତ ମାଂସର ଦେହ ପାଖରେ ଅସହ୍ୟ ସ୍ଥିତି ଆସିଗଲେ ବିଦ୍ରୋହ ଉଚ୍ଚସ୍ୱର, କର୍କଟ ସ୍ୱର ପାଟିରୁ ବାହାରେ। ଏସବୁ ଉପସର୍ଗ ପ୍ରକୃତରେ ମୂଳ ଭାବ ହିଁ ଅସହ୍ୟ। ଅସହ୍ୟ ଭାବ ନ ଆସିବା ପାଇଁ ସଂକଳ୍ପର ମଞ୍ଜି ବୁଣାଯିବା ଅଗ୍ନୀ ସମ୍ମୁଖରେ କରାଯାଇଥାଏ। ଆକର୍ଷଣ ବିକର୍ଷଣ ଏକ ମୁଦ୍ରାରେ ଦୁଇ ପଟ ପରି ରହିଛି। ମୁଦ୍ରା ନହେଲେ ଦ୍ରବ୍ୟ କ୍ରୟାଦି ହୋଇ ବି ହୋଇନପାରେ ଅତଏବ ପ୍ରତ୍ୟେକ ମୁଦ୍ରାକୁ ପେଟରା ବାକସ ମୁଣି ମନିବେଗରେ ପୁରାଇ ରଖିବା ପରି ଦୁଇକୁ ରଖିବାକୁ ପଡ଼େ। ମୁଦ୍ରା ବିନିମୟରେ ନାନାଦି ଦ୍ରବ୍ୟ ଆହରଣ ପରି ମୁଦ୍ରା ତାହା ବି କରେ। ବିକର୍ଷଣ ଶତ୍ରୁ ପାଇଁ ଆକର୍ଷଣ ନିଜର ପ୍ରିୟଜନ ପାଇଁ ଉଦ୍ଦିଷ୍ଟ। ଏ ମୁଦ୍ରାକୁ ସେପରି ରଖିବା ବ୍ୟକ୍ତି ଜଣେ ଭଲ ସଞ୍ଚୟକାରୀ ମୁଦ୍ରା ମହଜୁଦକାରୀ ହୋଇପାରେ। ଆଜି ବର୍ତ୍ତମାନ ଏହି ମୁହୂର୍ତ୍ତ ଆକର୍ଷଣ କ୍ରିୟ ପ୍ରୟୋଗ ଦୁନିଆଁରେ ପ୍ରେମରେ ରାଜକରେ। ମାତ୍ର ବିକର୍ଷଣ କ୍ରିୟାରେ ଯାଉଥିବା ଲୋକ ଅନ୍ଧପରି ସମୟ କାଟିବାକୁ ବାଧ୍ୟ ହୁଏ। ଅନ୍ୟକୁ କଷ୍ଟ ଦେବ କଣ ନିଜେ କଷ୍ଟ ଜାଲରେ ଛନ୍ଦି ହୁଏ। ନାରୀଟିଏ ରାଣୀରୁ ଦାସୀ ସ୍ତରକୁ ପରେ ଆସିପାରେ। ପ୍ରେମ ନିବିଡ଼ ପାଇଁ ବିବାହ ସଂସାର ବନ୍ଧା, ପ୍ରେମ ଫାଶରୁ ମୁକୁଳିଗଲେ ଗଲା ସୁଖଗଲା, ସଂସାର ଗଲା। କଳି କଳହର ସୂଚନା ଜନ୍ମ ବେଳା ସହିତ ଜଡ଼ିତ ଥାଏ। ଏ ମଧ୍ୟରେ ଅଛି ବିଷକନ୍ୟା ଯୋଗ ଉଆଁସୀ ବୋଷ ୨୭ ଯୋଗରୁ ବିଷ୍କମ୍ଭ ଗଣ୍ଡ ଅତ୍ୟଣ୍ଡ ବଜ୍ର ପରି ଅନେକ ପ୍ରକାଇ ଯୋଗରୁ ତାର ବିଷ ବେଳାରେ ଜନ୍ମ ଗଣ୍ଡ କ୍ଷେତ୍ର ଗଣ୍ଡତିଥି ଗଣ୍ଡଲଗ୍ନରେ ଜନ୍ମକୁ ଅନେକ ସାଂଘାତିକ ଗ୍ରହ ଯୋଗର ଜନ୍ମ ଜାତକ। ଅମାବାସ୍ୟା ଚତୁର୍ଦ୍ଦଶୀ କୃଷ୍ଣପକ୍ଷରେ ଓ ଆଗକୁ ଶୁକ୍ଳ ପ୍ରତିପଦ ତିଥି ୨କରଣ ସଂଶ୍ଲିଷ୍ଟ। ଏଇ ଅମାବାସ୍ୟା ଦିନୁ ୨କରଣ ଓ ପୂର୍ବର ୧ କରଣ ଶୁକ୍ଳ ପ୍ରତିପଦର ୧ମ କରଣ ମୋଟ ୪କରଣ ସ୍ଥିର କରଣ। ମାସରେ ଥରେ ଆସନ୍ତି ଏଇ ୪ ସ୍ଥିରକରଣ ଅନ୍ୟ ୭ କରଣ ଚରକରଣ ମାସରେ ଅନେକ ଥର ଆବୃତ୍ତି ହୁଅନ୍ତି। ସ୍ଥିରକରଣ ଦୁଃଖଦାୟୀ ଫଳ ଜନ୍ମିତ ବ୍ୟକ୍ତିଙ୍କୁ ଦିଅନ୍ତି। ସୌର ବୃଷ ମାସ ହେଉଛି ଚନ୍ଦ୍ରମାନ ଜ୍ୟେଷ୍ଠ ମାସ ଏଥିରେ ଚନ୍ଦ୍ରଙ୍କ ଉଚ୍ଚସ୍ଥାନ ରହିଲେ ବି ଏଇ ଅମାବାସ୍ୟା ହିଁ ଏକ ଆତଙ୍କିତ ଅମାବାସ୍ୟା ଜନ୍ମିତ କନ୍ୟା ପାଇଁ ଭବିଷ୍ୟତ ଜୀବନ ପାଇଁ ଏକ ଉଦବେଗ ସୃଷ୍ଟିକାରୀ ଏପରି ଯୋଗ ଦାତା କନ୍ୟା ମାନଙ୍କର ପିତାମାତା ଏହାଙ୍କ ପାଇଁ ଚିନ୍ତାରେ ରହନ୍ତି। ଅମାବାସ୍ୟାରେ ଚନ୍ଦ୍ର ଆକାଶରେ ବିଲୋପ। ଚନ୍ଦ୍ର ଅସ୍ତଗତ କାଳରେ ଜନ୍ମ ଜାତକ ବା ଜାତିକା ମାନସିକ ବିକ୍ଷୁବ୍ଧତା ବିଭିନ୍ନ ପ୍ରକାରରେ ଭୋଗି ପାରନ୍ତି। ଏ ପାଇଁ ଏହି ଅମାବାସ୍ୟା ଗୁଡ଼ିକୁ ପୂର୍ଣ୍ଣାତିଥିରେ ଗଣାଗଲେ ବି ଅନେକ କାର୍ଯ୍ୟରେ ରିକ୍ତା ପରି ବାଦ ଦିଆଯାଇ କୌଣସି କାର୍ଯ୍ୟାରମ୍ଭ କରାଯାଏ ନାହିଁ। ବାର ମାସ ପାଇଁ ବାର ଅମାବାସ୍ୟା ଅଛି। ଜଟିଳ ଅମାବାସ୍ୟା ଜ୍ୟେଷ୍ଠ ଅମାବାସ୍ୟା ଓ କାର୍ତ୍ତିକ ଅମାବାସ୍ୟା ଯାହା ଶୁକ୍ରଙ୍କ ରାଶି ବୃଷ ଓ ତୁଳାରେ ଆସେ। ଏସବୁ ପ୍ରକାର କ୍ଷତିକର ସମୟର ପ୍ରଭାବକୁ ସାଧନା ଦ୍ୱାରା ବ୍ରତରେ ଓଷାରେ ଗୁରୁବାକ୍ୟରେ ଶାସ୍ତ୍ର ନିୟମରେ ଚାଲିଲେ ଟାଳ ନହୋଇପାରେ। ଏସବୁ କଠୋର ତପଃ ସାଧିକା ସାବିତ୍ରୀ (ବ୍ରହ୍ମାଙ୍କ ଜ୍ୟେଷ୍ଠା ପତ୍ନୀ)ଙ୍କ ବ୍ରତରେ ଖଣ୍ଡନ ହୋଇପାରେ। ସାବିତ୍ର ତାଙ୍କ ସ୍ୱାମୀ ବ୍ରହ୍ମଦେବଙ୍କର ୨ୟ ପତ୍ନୀ ଗ୍ରହଣ ପ୍ରକ୍ରିୟାରେ ଅସନ୍ତୋଷ କରି ଏପରି ବ୍ରତ କରିଥିଲେ। କେହି ପୁଷ୍କର କ୍ଷେତ୍ର ଗଲେ ଏହା ଜାଣିପାରିବେ ନାରୀର ଧନ ହେଉଛନ୍ତି ତାଙ୍କର ସ୍ୱାମୀ ସୁନାଚାନ୍ଦି କୋଠାବାଡ଼ି ବ୍ୟାଙ୍କ ବାଲାନ୍ସ ନୁହଁ। ସ୍ୱାମୀ ନଥିଲେ ଏସବୁ ଅସାର। ସାବିତ୍ରୀ ତପସ୍ୱିନୀ ହୋଇ ନାରୀ ମାନଙ୍କୁ ପ୍ରଭାବିତ କରିଛନ୍ତି। ବିବାହିତ ପୁରୁଷମାନେ ନାରୀର ତପସ୍ୟାର ଫଳ ପାଇବା ପାଇଁ ଶୁଦ୍ଧ ରୁହନ୍ତୁ। ଏଇଟା ପ୍ରକୃତରେ ଦେବୀ ମାଆ ସାବିତ୍ରୀଙ୍କ ଇଙ୍ଗିତ। ବ୍ରହ୍ମକର୍ମ ହୋଇ ଚାଲିବ ସୁରୁଖୁରୁରେ ନହେଲେ ସଂସାର ନଷ୍ଟଭ୍ରଷ୍ଟ ହୋଇଯିବ। ରୋଜଗାର ଉପାର୍ଜନପର ଖାଇବେ। ଦୁଶ୍ଚିନ୍ତାରେ ସମୟ କଟିବ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ଅବତାର ନିତ୍ୟାନ୍ତ ଆବଶ୍ୟକ


ଇଂ.ସଚ୍ଚିଦାନନ୍ଦ ନନ୍ଦ

ଯେଉଁ ଅବତାର ନ ଆସିଥିଲେ ଆଜିର ମାନବ ସମାଜ ଦାନବ ସମାଜ ପାଲଟିଯାଇଥାନ୍ତା ଯିଏ ଅବତରୀ ନଥିଲେ ମାନବ ଜାତିର ଉତ୍ତରଣ ସମ୍ଭବ ହୋଇନଥାନ୍ତା, ଯିଏ ଆର୍ବିଭାବ ହୋଇନଥିଲେ ଧର୍ମଗୁରୁମାନେ ତାଙ୍କ ଶିଷ୍ୟବର୍ଗଙ୍କୁ ମାର୍ଗ ଦର୍ଶନ କରାଇପାରି ନଥାନ୍ତେ, ଯିଏ ଉଚିତ ସମୟରେ ଉପଯୁକ୍ତ ଶକ୍ତି ସାମର୍ଥ୍ୟସମ୍ପନ୍ନ ଐଶ୍ୱର୍ଯ୍ୟ ଧାରଣ କରି ଯଦି ଆସିନଥାନ୍ତେ ଅନୈତିକ ଚାକଚକ୍ୟରେ ଆକର୍ଷିତ ହୋଇଯାଉଥିବା ଜନମାନସକୁ ପୁନଃ ଧର୍ମାନୁମୋଦିତ ସଂସ୍କୃତି ସମ୍ପନ୍ନ କରାଇବା ଅସମ୍ଭବ ହୋଇଥାନ୍ତା। ଯିଏ ନ ଆସିଥିଲେ ସମଗ୍ର ବିଶ୍ୱର ଅବସ୍ଥା ହିଂସ୍ରଜନ୍ତୁପୂର୍ଣ୍ଣ ଜଙ୍ଗଲରେ ପରିଣତ ହୋଇଯାଇଥାନ୍ତା। ଯିଏ ନ ଆସିଥିଲେ ପରିବାରର ସଦସ୍ୟମାନେ ସେମାନଙ୍କ ସମୁଚିତ କର୍ତ୍ତବ୍ୟ କ'ଣ ଜାଣିପାରି ନଥାନ୍ତେ। ଯିଏ ନ ଆସିଥିଲେ ତଥାକଥିତ ପଣ୍ଡିତମାନେ ଆପ୍ତବାକ୍ୟର ପ୍ରକୃତ ଅର୍ଥ ବ୍ୟାଖ୍ୟା କରି ନପାରି ତାହାକୁ କଦର୍ଥ କରୁଥାନ୍ତେ। ଯାହାଙ୍କ ଅନୁପସ୍ଥିତିରେ ମଣିଷ କେବଳ ଆକାର ମଣିଷ ହୋଇ ଅମଣିଷ ଭଳି ଅପକର୍ମ ଗୁଡ଼ିଏ କରୁଥାନ୍ତା। ଯାହାଙ୍କ ବିନା ଭାରତୀୟ ସଂସ୍କୃତି ମଧ୍ୟ ତାହାର ମହତ୍ୱ ହରାଇ ପୁରାଣ ଇତିହାସ ଭଳି ଅଲୋଡ଼ା ହୋଇପଡ଼ିଥାନ୍ତା। ଯାହାଙ୍କ ଆଗମନ ହୋଇ ନଥିଲେ ଏ ଭୂଖଣ୍ଡରେ ଥିବା ସହସ୍ର ସହସ୍ର ଦେବଦେବୀ ମନ୍ଦିରରେ ଦିଅଁମାନେ ସେମାନଙ୍କର ପ୍ରାପ୍ୟ ପୂଜା ଆରାଧନା ହରାଇ ବସିଥାନ୍ତେ। ଦିଅଁ ଦେବତା ଜ୍ଞାନ ନଥିବା ସମାଜର ଗତି ଯେଉଁଆଡ଼କୁ ଯାଉଥାନ୍ତା ତାକୁ ବାଧା ଦେଇ ପୁନଃ ପ୍ରତିଷ୍ଠା କରାଇବାରେ କିଏ ସମର୍ଥ ହୋଇଥାନ୍ତା? ଗୃହସ୍ଥ ମାନେ ତାଙ୍କ ଜୀବନର ସମସ୍ତ କିଛି ଦେଇ ଯେଉଁ ବାସଗୃହ ଖଣ୍ଡେ ନିର୍ମାଣ କରିଥିଲେ ସନ୍ତାନମାନେ ତାହାକୁ କରାୟତ୍ତ କରିନେଇ ବୃଦ୍ଧ ବୟସ୍କ ମାନଙ୍କୁ ସିଡିଘର ତଳକୁ ପଠାଇ ଦେଇଥାନ୍ତେ। ଅବତାର ତାଙ୍କର ଅଲୌକିକ ଶକ୍ତି ବଳରେ ଆଖି ଥାଇ ଅନ୍ଧ ପାଲଟିଥିବା ମାନବ ସମାଜକୁ ପୁନଃ ଦୃଷ୍ଟିଶକ୍ତି ପ୍ରଦାନ କରି ତାଙ୍କର କର୍ତ୍ତବ୍ୟ ପ୍ରତି ସଚେତନ କରାଇ ପୁରୁଷ ପରେ ପୁରୁଷ ଧରି ଯେଉଁ ସଦୟ କୃପା ପ୍ରଦାନ କରନ୍ତି ତାହା ଅଚିନ୍ତନୀୟ।

ପରିବାରର ପବିତ୍ରତା, ମାନବ ବସତିର ନିରୋଳ ଭକ୍ତିପୂର୍ଣ୍ଣ ବାତାବରଣ, ଗୁରୁଜନ ମାନଙ୍କର ସ୍ନେହପୂର୍ଣ୍ଣ ଶାସନ, ଯୁବକମାନଙ୍କ ଦାବି ସହିତ ସେମାନଙ୍କର ଦାୟିତ୍ୱ ଜ୍ଞାନ, ମହିଳା ମାନଙ୍କ ଠାରେ ଥିବା ସହଜାତ କୋମଳତା, ସେବା ଭାବ, ଅତିଥି ପରାୟଣତା, ଗୃହାଙ୍ଗନକୁ ସ୍ୱର୍ଗରେ ପରିଣତ କରିବାର ଦକ୍ଷତା, ଶିଶୁମାନଙ୍କ ଠାରେ ଆଜ୍ଞାନୁବହତା, ଅଧ୍ୟବସାୟ, ଶିକ୍ଷା ଆହରଣ କରିବାର ଉତ୍ସୁକତା, ବନ୍ଧୁମାନଙ୍କ ଠାରେ ପାରସ୍ପରିକ ସ୍ନେହ, ବଡ଼ାଣିଆ ଭାବ ପରିବେର୍ତ୍ତ ପ୍ରେମାର୍ଦ୍ରଭାବ ଅବତାରଙ୍କ ବ୍ୟତୀତ କିଏ ପୁନସ୍ଥାପିତ କରାଇପାରନ୍ତା?

ପୃଥିବୀରେ ଯେତେ ଭିନ୍ନ ଭିନ୍ନ ଦେଶ ଅଛି, ସେଠାକାର ପୂର୍ବଜ ମାନଙ୍କ ସାଧନା ବଳରେ ତାଙ୍କ ଭୂଖଣ୍ଡର ଯେ ଗୋଟାଏ ସଂସ୍କୃତି ଅଛି ଏବଂ ତାହାର ପାଳନ ଓ ଅନୁସରଣ ସେ ଦେଶବାସୀଙ୍କୁ ନିଜ ପିତାଙ୍କ ଭଳି ସୁରକ୍ଷା ପ୍ରଦାନ କରେ ତାହାର ବିପରୀତ ହେଲେ ତାହା ପରିଣାମ କିପରି ବିଷମୟ ହୁଏ ସେ ଶିକ୍ଷା କିଏ ଦେଇଥାନ୍ତା? ନିଜ ନିଜର ସଂସ୍କୃତିକୁ ଭଲ ପାଇବା ଓ ତାହାର ପ୍ରଭାବରେ ନିଜେ ସଂସ୍କାରିତ ହେବାର ଦୀକ୍ଷା ଦେବାଭଳି କଠିନତମ ଦାୟିତ୍ୱ ଅବତାରଙ୍କ ବ୍ୟତୀତ କିଏ ଆପଣା ଛାଏଁ ବହନ କରନ୍ତା?

ଭଗବାନଙ୍କର ଏ ସୃଷ୍ଟି ଏହାର ଅନ୍ତରାଳରେ ନିହିତ ଥିବା ସେ ସତ୍ୟକୁ ଜାଣିବା ଓ ବୁଝିବାର ଶକ୍ତି, ସତ୍ୟକୁ ବୁଝି ତାହାକୁ ଦୈନନ୍ଦିନ ଜୀବନରେ ପାଳି ସେଥିରୁ ଲାଭବାନ ହେବା ପରିଶେଷରେ ଏକ ଲାଭପ୍ରଦ ମୃତ୍ୟୁ ହାସଲ କରିବାର କଳା ଅବତାରଙ୍କ ଭିନ୍ନ ଆଉ କିଏ ଆମ ହାତ ଧରି ଶିଖାଇ ଦେଉଥାନ୍ତା? ମାନବ ଜୀବନ, ମାନବ ଶରୀର, ମାନବ ଜନ୍ମ ଲାଭ କରିବାର ଉଦ୍ଦେଶ୍ୟ, ଜୀବନର ଲକ୍ଷ୍ୟ, ଲକ୍ଷ୍ୟ ହାସଲ କରିବାର ପଥ ନିର୍ବାଚନ ସେ ପଥର ଆବଶ୍ୟକ ରକ୍ଷଣାବେକ୍ଷଣ ଓ ମରାମତି କରାଇ ଅବାଟରେ ଯାଉଥିବା ଲୋକମାନଙ୍କୁ ସଠିକ ମାର୍ଗରେ ଚଳାଇବା ଭଳି ଦୁରୂହବ୍ୟାପାର କାହାକୁ ସରଳ ମନେହୁଅନ୍ତା ଅବତାରଙ୍କ ବିନା?

ପୁରାକାଳର ଦିବ୍ୟଦ୍ରଷ୍ଟା ଯୋଗୀଋଷିମାନେ ତାଙ୍କ ତପସ୍ୟା ବଳରେ ଯେଉଁ ଦୁର୍ଲ୍ଲଭ ଅଭିଜ୍ଞତା ହାସଲ କରିଥିଲେ, ଯେଉଁ ଅବ୍ୟର୍ଥ ମନ୍ତ୍ରମାନ ହାସଲ କରିଥିଲେ, ମାନବ ସମାଜର ଉପକାର ପାଇଁ ଅକାତରେ ନିଃସ୍ୱାର୍ଥ ଭାବ ସହ ପ୍ରଦାନ କରିଦେଇ ଯାଇଛନ୍ତି। ତାହାସବୁ ଅବମାନିତ ହୋଇ ଅନାବଶ୍ୟକ ତତ୍ତ୍ୱ ହିସାବରେ ମାନବ ସମାଜର ଅଗୋଚରରେ ନଷ୍ଟ ହୋଇଯିବାକୁ ବସିଥିଲାବେଳେ ଅବତାର ପୁରୁଷମାନେ ଆସି ତାହାର ପୁର୍ନରୁତ୍ଥାନ କରାଇ ମଣିଷର ଅଶେଷ ଉପକାର ସାଧନ କରାଇଥାନ୍ତି। ଉପନିଷଦ, ସଂହିତା, ସ୍ମୃତିଶାସ୍ତ୍ର ଓ ବିଭିନ୍ନ ସ୍ଥାନୀୟ ଭାଷାରେ ଲିଖିତ ବହୁ ଅମୂଲ୍ୟରତ୍ନମାନ ସାଉଁଟି ଆଣି ପୁର୍ନବାର ଲୋକ ସମାଜରେ ପ୍ରବର୍ତ୍ତନ କରାଇ ଲୋକ ମର୍ଯ୍ୟାଦା, ଋଷି ମର୍ଯ୍ୟାଦା, କବି ମର୍ଯ୍ୟାଦା, ଶାସ୍ତ୍ର ମର୍ଯ୍ୟାଦା, ମନ୍ତ୍ର ମର୍ଯ୍ୟାଦାକୁ ଫେରାଇ ଆଣି ପୁରାତନକୁ ସନାତନ କରାଇବାର କ୍ଷମତା କେବଳ ଅବତାରଙ୍କର ହିଁ ଥାଏ। ଏହାଦ୍ୱାରା ସେ ତାଙ୍କ ନିଜ ସୃଷ୍ଟିର ପରମ ମଙ୍ଗଳ ସାଧନ କରିବା ସହ ଯୁଗ ଯୁଗ ପାଇଁ ପୂଜନୀୟ ଓ ସ୍ମରଣୀୟ ହୋଇ ଅମରତ୍ୱ ପ୍ରାପ୍ତ ହୋଇଯାଆନ୍ତି। ପର୍ବପର୍ବାଣୀ ପାଳନ ଅନ୍ତରାଳରେ ଥିବା ନିହିତ ତାତ୍ପର୍ଯ୍ୟ ଜ୍ଞାପନ କରାଇ ଲୋକମାନଙ୍କର ଜୀବନଯାପନର ଶୈଳୀ ତ୍ୱରାନ୍ୱିତ କରାଇ ପର୍ବପର୍ବାଣୀକୁ ପାଳନ ପୂର୍ବକ ତାହାର ଆଧ୍ୟାତ୍ମିକ ଉତ୍ତରଣକୁ ସୁନିଶ୍ଚିତ କରାଇ ମର୍ତ୍ତ୍ୟଲୋକ ତଥା ଦେବଲୋକରେ ଭଗବାନଙ୍କ ପ୍ରିୟ ହେବାର କଳାକୌଶଳ ଅବତାରଙ୍କ ବିନା କିଏ ବା ଶିଖାଇ ପାରିଥାନ୍ତା। ପର୍ବପର୍ବାଣୀ ଦୂରେ ଥାଉ ପ୍ରତ୍ୟେକଟି ଦିବସକୁ କିପରି ପାଳନ କରିବାକୁ ହୁଏ ତାହା ଶିଖାଇବା ମଧ୍ୟ ଅବତାର ଛାଡ଼ନ୍ତି ନାହିଁ। ପରସ୍ପର ଭିତରେ କଥାବାର୍ତ୍ତାରେ, ସଂଯମ ଅଭାବରୁ କେବଳ ପରିବାର ଭାଙ୍ଗି ଯାଉନାହିଁ, ଗାଁ ଗାଁ, ସାହି ସାହି ଏପରିକି ଦେଶ ଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଯାଉଛି। ଏହାର ସମାଧାନ କୌଣସି ରାଷ୍ଟ୍ରମୁଖ୍ୟଙ୍କ ଦ୍ୱାରା ସମ୍ଭବ ହେଉନାହିଁ। କେବଳ ଅବତାରଙ୍କ ପ୍ରଦତ୍ତ ଶିକ୍ଷା ଅବଲମ୍ବନରେ ହିଁ ତାହାର ପ୍ରଶମନ ସମ୍ଭବ। ସର୍ବୋପରି ସବୁଠାର ଦୁର୍ବୋଧ୍ୟ ତତ୍ତ୍ୱ (ଈଶ୍ୱର, ପ୍ରକୃତି, ଜୀବଜଗତ) ଯାହାକୁ ଏ ପର୍ଯ୍ୟନ୍ତ କେହି ପରିଷ୍କାର ଭାବେ ବୁଝି ବୁଝାଇ ପାରିନାହାନ୍ତି ତାହା ମଧ୍ୟ କେବଳ ଅବତାର କରିପାରନ୍ତି। ଭଗବାନ ଶ୍ରୀସତ୍ୟସାଇ ବାବା ସେଭଳି ଜଣେ ଅବତାର ଭାରତ ଭୂଖଣ୍ଡରେ ଜନ୍ମି ଭାରତକୁ ଚିର ଗୌରବାନ୍ୱିତ କରି ଏହି ମାତ୍ର ନିକଟ ଅତୀତରେ ଇହଲୀଳା ସମ୍ବରଣ କରି ପାରଲୌକିକ ଲୀଳାରେ ନିୟୋଜିତ। ସେ ତାଙ୍କ ପ୍ରେମଶକ୍ତି ବଳରେ ଉପଯୁକ୍ତ ସାଧକମାନଙ୍କୁ ଦେବତ୍ୱ ମଣ୍ଡିତ କରି ତାଙ୍କ ନିଜ ସଂକଳ୍ପକୁ ସାକାର କରିବାରେ ଦିବ୍ୟାନନ୍ଦ ଉପଭୋଗ କରୁଛନ୍ତି।

*ଅଲିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*

# ସ୍ୱାଧୀନତାର ସପ୍ତମ ଦଶକରେ ଭାରତର ଅଗ୍ରଗତି


ବିଚିତ୍ରାନନ୍ଦ ପ୍ରଧାନ

ଦୀର୍ଘ ଦ୍ୱିଶତାଧିକ ବର୍ଷ ବ୍ୟାପୀ ବ୍ରିଟିଶ ଶାସନରେ ନିପୀଡ଼ିତ ଭାରତବାସୀ ଯେଉଁଦିନ ସ୍ୱାଧୀନତାର ଆଦ୍ୟ ବାୟୁ ଆଘ୍ରାଣ କଲେ ସେହି ଦିନଟି ୧୯୪୭ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସ ୧୫ ତାରିଖ। ସେହି ଦିବସଟି ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ। ଚାହୁଁ ଚାହୁଁ ବିତିଯାଇଛି ୭୫ ବର୍ଷ। ହାତମୁଠାରୁ ବାଲି ଝରିଲା ପରି ଗଡ଼ି ଯାଉଛି ସମୟ ତାର ନିର୍ଦ୍ଦିଷ୍ଟ ଗତିରେ। ପରାଧିନ ଭାରତ ଏବେ ଅତୀତର ବିଷୟବସ୍ତୁ। ଆଶା ଆକାଂକ୍ଷା ଓ ସ୍ୱପ୍ନର ପାଣ୍ଡୁଲିପି ଲେଖି ଚାଲିଛି ସ୍ୱାଧୀନ ଭାରତ। ୧୯୪୩ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସରେ ମହାତ୍ମା ଗାନ୍ଧି ଇଂରେଜ ସରକାର, 'ଭାରତ ଛାଡ଼' ବୋଲି ଡାକ ଦେଇ ଭାରତ ଛାଡ଼ ଆନ୍ଦୋଳନର ଗୌରବମୟ ବିପ୍ଳବ ଅୟମାରମ୍ଭ କରିଥିଲେ। ବ୍ରିଟିଶ ସରକାରଙ୍କ ଶାସନରୁ ମୁକ୍ତି ପାଇବା ପାଇଁ ସେ ଦିନ ମଧ୍ୟ ରାତ୍ରି ୧୨ ଘଟିକା ସମୟରେ ୪୦ କୋଟି ଭାରତୀୟ ଜନତା ସମାବେଶ ହୋଇ ବିନା ରକ୍ତପାତରେ ପରାଧିନତାର ନିଗଡ଼ ଛିନ୍ନ କରି ସ୍ୱାଧୀନତାର ପ୍ରଥମ ଆସ୍ୱାଦନ ପାଇବା ଉଦ୍ଦେଶ୍ୟରେ ଜାଗ୍ରତ ଥିଲେ। ତାହା ଥିଲା ଏକ ଅଭୁଲା ସ୍ମୃତି। ମହାନ ଜନନାୟକ ମହାତ୍ମା ଗାନ୍ଧି ଓ ପଣ୍ଡିତ ଜବାହାରଲାଲ ନେହେରୁ ସମବେତ ଜନତାଙ୍କୁ ଉଦବୋଧନ ଦେଇ ସତ୍ୟ ଓ ଅହିଂସାର ବିଜୟ ହେବ ବୋଲି ଆଶ୍ୱାସନା ବାଣୀ ଶୁଣାଇଥିଲେ। ରାତ୍ରିର ବହଳ ଅନ୍ଧକାରରେ ଯେତେବେଳେ ସାରା ବିଶ୍ୱ ସୁପ୍ତ, ସେତେବେଳେ ମୁକ୍ତି ଉନ୍ମୋଦିତ ଭାରତ ଜାଗ୍ରତ ଓ ଜୀବନୋନ୍ମୁଖୀ। ସତରେ ଏମିତି ଏକ ମୁହୂର୍ତ୍ତ ଆସେ, ଯାହା ଇତିହାସରେ ବିରଳ। ରାତ୍ରି ପାହିଆସୁଥିଲା। ଅନ୍ଧାର ପରଦା ଆଢ଼େଇ ଉଙ୍କି ମାରୁଥିଲା ଆଶାର ସୂର୍ଯ୍ୟ। ସ୍ୱାଧୀନତାର ପ୍ରଥମ ସକାଳ ତୋଫା ଆଲୁଅ ଉଦଭାସିତ ହୋଇଥାଏ। ଆକାଶରରେ ବିଶ୍ୱାସର ଲୋହିତ ଛିଟା ଦୃଶ୍ୟମାନ ହୋଇଥାଏ। ୧୯୪୭ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୧୫ ତାରିଖ ତୁଙ୍ଗ ଆକାଶରେ ଭାରତର ଅଗଣିତ ଜନତା ଭକ୍ତି ଓ ସମ୍ମାନର ସହିତ ଭାରତର ଜୈତ୍ର କେତନ ତ୍ରିରଙ୍ଗା ଜାତୀୟ ପତାକା ବାୟୁ ହିଲ୍ଲୋଳରେ ସଦର୍ପରେ ଉଡାଇଥିଲେ। ଭାରତ ଛାଡ଼ ଆନ୍ଦୋଳନର ଗୌରବମୟ ବିପ୍ଳବ ଗୌରବମୟ ବିଜୟରେ ବିଭୂଷିତ ହୋଇଥିଲା। ଏହି ସ୍ମରଣୀୟ ଦିବସକୁ ଜାତୀୟ ଦିବସ ଭାବରେ ପରିପାଳନ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଅଗଷ୍ଟ ୧୫ ତାରିଖରେ ଦେଶର ସବୁ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ଶିକ୍ଷାନିକେତନ, ପାଠାଗାର ଓ ପୁରପଲ୍ଲୀରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରାଯାଇଥାଏ। ଜାତୀୟ କେତନ ଫରଫର ହୋଇ ଆକାଶରେ ଉଡୁଥାଏ ଏବଂ ଜାତୀୟ ସଙ୍ଗୀତ 'ଜନଗଣମନ ଅଧିନାୟକ ଜୟ ହେ ଭାରତ ଭାଗ୍ୟ ବିଧାତା....' ଗାନ କରାଯାଏ। ଜାତୀୟ ଉନ୍ମାଦନାରେ ଜନତାର ପ୍ରାଣ ଭରି ଉଠେ। ଦେଶ ଓ ଜାତିକୁ ସ୍ୱାଧୀନ କରିବା ପାଇଁ ଯେଉଁ ସ୍ୱଦେଶବତ୍ସଳ ତ୍ୟାଗୀ ବୀରମାନେ ଶତ୍ରୁ ସହିତ ଯୁଦ୍ଧ କରି ଅକାଳରେ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କର ପୁଣ୍ୟସ୍ମୃତି ପ୍ରତି ଆମ୍ଭେମାନେ ଏହି ଦିବସରେ ପୁଷ୍ପାଞ୍ଜଳୀ ଅର୍ପଣ କରିବା ସହିତ ସ୍ୱାଧୀନତାର ମୂଲ୍ୟବୋଧକୁ ହୃଦୟଙ୍ଗମ କରି ପ୍ରାଣେ ପ୍ରାଣେ ଉତଫୁଲ୍ଲିତ ହୋଇଥାଉ। ସ୍ୱାଧୀନତା ଯେ ମାନବ ପକ୍ଷରେ କେତେ ମହାନ ଓ ପବିତ୍ର ତାହା ଆମ୍ଭମାନଙ୍କୁ ସ୍ୱାଧୀନତା ଦିବସ ସ୍ମରଣ କରାଇଦିଏ। ପ୍ରଥମ ସ୍ୱାଧୀନତା ଦିବସ ଭାରତୀୟ ଜନତାକୁ ଉନ୍ମାଦନା ଓ ବିଜୟ ଆଣି ଦେଇଥିଲା ସତ, କିନ୍ତୁ ସ୍ୱାଧୀନତା ପାଇବା ସମୟରେ ଦେଶର ଅର୍ଥନୀତି ଏବେ ଦୁର୍ବଳ ଥିଲା ଯେ ଲୋକମାନେ ଦାରିଦ୍ର୍ୟ ଓ ନିସହାୟତାରେ ଭାଙ୍ଗି ପଡ଼ିଥିଲେ। ତଥାପି ପରାଧିନତାର ତାଡ଼ନାରେ ଜର୍ଜରିତ ମନୁଷ୍ୟମାନେ ଧର୍ଯ୍ୟହରା ଓ ଦୁର୍ବଳମନା ହୋଇନଥିଲେ। ନିଜର ଅଣ୍ଟାକୁ ସଳଖ କରି ଦୃଢ଼ ଭାବରେ ଠିଆ ହୋଇଥିଲେ, ମୁକ୍ତିର ପରମ ଆହ୍ଲାଦରେ। ସେହିଦିନ ଠାରୁ ପଛକୁ ଚାହିଁ ନାହାନ୍ତି, ଆଗକୁ ଆଗକୁ ବଢ଼ି ଚାଲିଛନ୍ତି ଆଜିଯାଏ। ଚଲାପଥରେ କେଉଁଠି ଝୁଣ୍ଟି ପଡ଼ିଛନ୍ତି, ତଥାପି ଚାଲିବା ବନ୍ଦ କରିନାହାନ୍ତି। ସେହି ଆତ୍ମବିଶ୍ୱାସ, ଧୈର୍ଯ୍ୟ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଭାରତକୁ ସୁଦୃଢ଼ କରି ଠିଆ କରାଇ ପାରିଛନ୍ତି ଓ ପୃଥିବୀର ଅନ୍ୟାନ୍ୟ ଶକ୍ତିଶାଳୀ ଦେଶ ମାନଙ୍କ ସମକକ୍ଷ କରାଇପାରିଛନ୍ତି। ଆଜି ଭାରତ ବିଶ୍ୱର ଅନ୍ୟତମ ଅର୍ଥନୈତିକ ଶକ୍ତି ଓ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ସମ୍ପନ୍ନ ରାଷ୍ଟ୍ର। ଅତୀତରେ ପାଶ୍ଚାତ୍ୟ ଜଗତ, ଭାରତକୁ ଅନୁନ୍ନତ ଦେଶ ବୋଲି କହି ଉପହାସ କରୁଥିଲା। ଏବେ ଏ ଦେଶର ଶିକ୍ଷିତ ଯୁବକ ଯୁବତୀମାନେ ସେ ଦେଶକୁ ଯାଇ ଦେଶର କ୍ଷମତା ଅଳିନ୍ଦରେ ଗୁରୁତ୍ୱପୂର୍ଣ୍ଣ ଆସନ ଅକ୍ତିୟାର କରିପାରିଛନ୍ତି। ୧୯୪୭ରେ ଦେଶର ସାକ୍ଷରତା ହାର ଥିଲା ୧୮ ପ୍ରତିଶତ ଏବେ ଏହା ୭୬ ପ୍ରତିଶତ ହୋଇଅଛି। ଭାରତ ଏବେ ବିଶ୍ୱର ଅନ୍ୟତମ ବୃହତମ ବଜାର। ସେଥିପାଇଁ ୟୁରୋପୀୟ ପୁଞ୍ଜିପତିମାନେ ଆମ ଦେଶରେ ପୁଞ୍ଜିନିବେଶ କରିବାକୁ ଆଗ୍ରହୀ। କୃଷି କ୍ଷେତ୍ରରେ, ଚିକିତ୍ସା କ୍ଷେତ୍ରରେ ଭାରତ ସୁନାମ ଅର୍ଜନ କରିଛି। ଭାରତର ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା ବିଶ୍ୱର ଅନ୍ୟତମ ବୃହତ ବ୍ୟବସ୍ଥା। ସ୍ୱାଧୀନତାର ସପ୍ତମ ଦଶକରେ ଭାରତ ଏସିଆର ତୃତୀୟ ବୃହତ୍ତମ ଶକ୍ତି ଉତ୍ପାଦନକାରୀ ଦେଶର ମର୍ଯ୍ୟାଦା ହାସଲ କରିଛି। ଭାରତର ସ୍ୱାଧୀନତା ଦେଶ ଓ ଜାତି ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। ଏହା ଭାରତର ଆବାଳ ବୃଦ୍ଧ ବନିତା ସମସ୍ତଙ୍କର ହୃଦୟଙ୍ଗମ ହେବା ଉଚିତ। ଜାତୀୟ ଏକତା ପ୍ରତିଷ୍ଠା କରି ସେବା, ତ୍ୟାଗ ଓ ବୀରତ୍ୱର ମନ୍ତ୍ରରେ ଦୀକ୍ଷିତ ହୋଇ ଦେଶର ସ୍ୱାଧୀନତା ଓ ଅଖଣ୍ଡତା ରକ୍ଷା କରିବା ପାଇଁ ଆମ୍ଭେମାନେ ଦୃଢ଼ ସଂକଳ୍ପ ଗ୍ରହଣ କରିବା ଆବଶ୍ୟକ। ରାଷ୍ଟ୍ରୀୟ କେତନର ଗୌରବ ଓ ମର୍ଯ୍ୟାଦା ରକ୍ଷା କରିବା ପାଇଁ ଆମ୍ଭେମାନେ ଶତତ ଯତ୍ନବାନ ହେବା ବାଞ୍ଛନୀୟ। ବହୁ ସଂଗ୍ରାମ କରି ଭାରତର ଦେଶପ୍ରେମୀ ମହାମାନବମାନେ ଯେଉଁ ସ୍ୱାଧୀନତା ଲାଭ କରିଛନ୍ତି ତାହାର ଟେକ ରଖିବା ଆମ୍ଭମାନଙ୍କର ପରମ କର୍ତ୍ତବ୍ୟ ଅଟେ। ଦେଶର ପ୍ରଗତି ପାଇଁ ନାଗରିକମାନେ ଦୃଢ଼ ସଂକଳ୍ପ ନେଇ କାର୍ଯ୍ୟ କରିବା ଆବଶ୍ୟକ।

ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୯୩୭୨୨୪୦୮୫

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ


ଅଲେଖ ଚନ୍ଦ୍ର ସାମଲ

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଜଣେ ପ୍ରଜାବତ୍ସଳ, ପରୋପକାରୀ ଓ ସ୍ୱଦେଶପ୍ରେମୀ ଶାସକ ଥିଲେ। ମୟୂରଭଞ୍ଜର ରାଜା ଥିଲେ ହେଁ ନିଜର ଅସାଧାରଣ ପ୍ରତିଭା ଓ ପ୍ରଚେଷ୍ଟା ବଳରେ ଓଡ଼ିଶାର ରାଜନୀତିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରକୁ ପ୍ରଭାବିତ କରିପାରିଥିଲେ। ଓଡ଼ିଆ ଜାତି ଓ ଭାଷା ପ୍ରତି ତାଙ୍କର ଗଭୀର ମମତା ଥିଲା। ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ। ୧୯୦୩ ଡିସେମ୍ବର ୩୦ ତାରିଖରେ ଏହି ଐତିହାସିକ ସଭା କଟକରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ମୟୂରଭଞ୍ଜ ରାଜବଂଶର ଏକ କୀର୍ତ୍ତି। କଳା-ସାହିତ୍ୟ-ସାଂସ୍କୃତିକ-ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠାରେ ସେ ମନ ଦେଇଥିଲେ। କଟକରେ ଉତ୍କଳ ସାହିତ୍ୟ ସମାଜର ସ୍ଥାୟୀ ସଭାଗୃହ ତାଙ୍କର ଅବଦାନ। ଶ୍ରୀରାମଚନ୍ଦ୍ର ଥିଲେ ସାହିତ୍ୟାନୁରାଗୀ ଓ କଳାପ୍ରେମୀ। ତାଙ୍କ ପୃଷ୍ଠପୋଷକତାରେ ବାରିପଦାରୁ ଉତ୍କଳ ପ୍ରଭା ସାହିତ୍ୟ ପତ୍ରିକା ପ୍ରକାଶ ପାଇଥିଲା। ସେ ଛଉ ନୃତ୍ୟ ବିଶାରଦ ଥିଲେ। ରାଜକୋଷରୁ ବିପୁଳ ଅର୍ଥ ବ୍ୟୟକରି ମୟୂରଭଞ୍ଜ ଛଉ ନୃତ୍ୟର ଅଭିବୃଦ୍ଧି ଘଟାଇଥିଲେ। ବିଳାସବ୍ୟସନ, ଚାକଚକ୍ୟ ପ୍ରତି ତାଙ୍କର ଆଗ୍ରହ ନଥିଲା। ରାଜପ୍ରାସାଦର ଏକ ସାଧାରଣ କୋଠରିରେ ରହୁଥିଲେ। ନିରାମିଷାଶୀ ଥିଲେ ଓ ମଦ୍ୟପାନ କରୁନଥିଲେ। ତାଙ୍କ ରାଜତ୍ୱ କାଳରେ ମୟୂରଭଞ୍ଜ ଓଡ଼ିଶାର ଆଦର୍ଶ ରାଜ୍ୟରେ ପରିଣତ ହୋଇଥିଲା। ଶ୍ରୀରାମଚନ୍ଦ୍ର ଥିଲେ ଶିକାର ପ୍ରିୟ ଏହି ଶିକାର ଯୋଗୁଁ ହିଁ ତାଙ୍କର ପ୍ରାଣ ଯାଇଥିଲା। ଦୁଇଟି ଭାଲୁ, ସେହି ସ୍ଥାନରୁ ଆସି ଗୁଳି ଖାଇଲେ। ଗୋଟିଏ ଟଳି ପଡ଼ିଲା ଏବଂ ଅନ୍ୟଟି ଆହତ ଅବସ୍ଥାରେ ଜଙ୍ଗଲ ଭିତରକୁ ପଳାଇଲା। ମହାରାଜା ମଞ୍ଚରୁ ତଳକୁ ଓହ୍ଲାଇଲେ। ସେ ପିନ୍ଧିଥିଲେ କଳା ପୋଷାକ। ଅନ୍ଧକାରରେ ତାଙ୍କୁ ଭାଲୁ ଭାବି ଅନ୍ୟ ମଞ୍ଚର ଶିକାରୀମାନେ ଗୁଳି କଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ସତ୍ତ୍ୱେ ୧୯୧୨ ଫେବୃଆରୀ ୨୨ ତାରିଖ ଦିନ ମାତ୍ର ବୟାଳିଶ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା।

ପୂର୍ବତନ ଡିଏଫଓ (କେନ୍ଦୁଲିଫ) ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର

# ଦୈନିକ ଆହାର ଖାଉଛନ୍ତି ୧ ଲକ୍ଷ, ତାହା ବି ନିଅଣ୍ଟ

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**

ରାଜ୍ୟରେ ପ୍ରତିଦିନ ୧ ଲକ୍ଷ ଲୋକ ୫ଟଙ୍କାର ଆହାର ଖାଦ୍ୟ ଖାଉଛନ୍ତି। କିନ୍ତୁ ତାହା ବି ନିଅଣ୍ଟ ପଡୁଛି। ବଢୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ଭୁବନେଶ୍ୱରରେ ଏମସରେ ଆଉ ଏକ କେନ୍ଦ୍ର ଖୋଲାଯିବାର ନିଷ୍ପତ୍ତି ହୋଇଛି। ବିଭିନ୍ନ ଜିଲ୍ଲାଗୁଡ଼ିକ ଆହାର କେନ୍ଦ୍ର ସଂଖ୍ୟା ବଢ଼ାଇବା ପାଇଁ ମଧ୍ୟ ପ୍ରସ୍ତାବ ବିଭିନ୍ନ ସ୍ଥାନରୁ ଆସୁଛି। ସରକାର ସୁଲଭ ମୂଲ୍ୟରେ ଅଭାବୀ ଲୋକମାନଙ୍କୁ ଏହି ଆହାର ବ୍ୟବସ୍ଥା କରୁଛନ୍ତି ଯାହା ଯଦିଓ ଯଥେଷ୍ଟ ହେଉନାହିଁ।

ଅନେକ ସ୍ଥାନରେ ଦେଖାଯାଏ ଶ୍ରମିକମାନେ ଖାଇବା ସମୟକୁ ଆସିବା ବେଳକୁ ଖାଇବା ସରିଯାଉଛି। ଏହି ଲେଖକ ନିକଟରେ ଏକ ସତ୍ୟନିଷ୍ଠ ଘଟଣାକୁ ସାମ୍ନା କରିଥିଲା। ରାଜଧାନୀରେ କାର୍ଯ୍ୟରତ ନିର୍ମାଣ ଶ୍ରମିକ ତ୍ରିଲୋଚନ ଗଡ଼ିଆ ଝାଳନାଳ ହୋଇ ମଧ୍ୟାହ୍ନ ୧ଟା ବେଳକୁ ନୂଆପଲ୍ଲୀସ୍ଥିତ ଆହାର କେନ୍ଦ୍ରକୁ ଆସିବା ବେଳକୁ ଖାଦ୍ୟ ସରି ଯାଇଥିଲା ଏବଂ କେନ୍ଦ୍ର ମଧ୍ୟ ବନ୍ଦ ହେବାକୁ ବସିଥିଲା। ଏଠାରେ ପ୍ରତିଦିନ ୪୫୦ ଲୋକଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ହୋଇଥାଏ। ତାହା ୧୧ଟାରୁ ଆରମ୍ଭ ହୋଇ ୧୨ଟା ବେଳକୁ ସରିଯାଉଥିବା କହିଛନ୍ତି ଏଠାରେ କାର୍ଯ୍ୟରତ କର୍ମଚାରୀ। ଅପରପକ୍ଷରେ ଏମସକୁ ପ୍ରତିଦିନ ୧୦ ହଜାର ରୋଗୀ ରାଜ୍ୟ ତଥା ରାଜ୍ୟ ବାହାରୁ ଆସନ୍ତି। ଏଥିସହିତ ଆହୁରି ଅନେକ ରୋଗୀ ଏଠାରେ ବିଭିନ୍ନ ସ୍ଥାନରେ ରହି ଚିକିତ୍ସିତ ହୁଅନ୍ତି। ସମସ୍ତଙ୍କ ପାଇଁ ରାନ୍ଧି ଖାଇବା କିମ୍ବା ହୋଟେଲରେ ଖାଇବା ସମ୍ଭବ ହୁଏ ନାହିଁ। ଏଠାରେ ଆହାର କେନ୍ଦ୍ର ଥିଲେ ମଧ୍ୟ ତାହା ଯଥେଷ୍ଟ ହେଉନାହିଁ। ତେବେ ଆହାର କେନ୍ଦ୍ରର କେତେକ ସ୍ଥାନରେ କର୍ମଚାରୀମାନେ ସୁଲଭ ମୂଲ୍ୟର ଖାଦ୍ୟକୁ ସେମାନଙ୍କର ଚିହ୍ନା ପରିଚିତଙ୍କୁ ଯୋଗାଉଛନ୍ତି ଆଉ କେତେକ କ୍ଷେତ୍ରରେ ବିକ୍ରି କରିଦେଉଥିବାର ଅଭିଯୋଗ ମଧ୍ୟ ଉଠୁଛି। ସେହିପରି ବେଳେ ବେଳେ ବଡ଼ ରାଜନୈତିକ ଦଳର କର୍ମୀମାନଙ୍କର କାର୍ଯ୍ୟକ୍ରମ ଥିଲେ ସେମାନେ ଜୋର ଜବରଦସ୍ତ ଆହାର କେନ୍ଦ୍ରରେ ଧସେଇ ପଶି ସେହି ଖାଦ୍ୟ ଖାଉଥିବାର ଅଭିଯୋଗ ଗଣମାଧ୍ୟମରୁ ଦେଖିବାକୁ ମିଳିଥାଏ। ତେବେ ଏ ନେଇ ସରକାରଙ୍କ ବିଧିବଦ୍ଧ ଭାବେ କୌଣସି ଲଗାମ ରହୁନାହିଁ।

କ୍ୟାପିଟାଲ ହସ୍ପିଟାଲସ୍ଥିତ ଆହାର କେନ୍ଦ୍ର ପ୍ରତିଦିନ ଲମ୍ବା ଧାଡ଼ିରୁ ଏହାର ଆବଶ୍ୟକତା ସ୍ପଷ୍ଟ ହୁଏ। ଭୁବନେଶ୍ୱରରେ ୧୧ଟି କେନ୍ଦ୍ରରେ ପ୍ରତିଦିନ ୬ ହଜାର ଲୋକ ଆହାର ଖାଉଥିବାବେଳେ ସମ୍ବଲପୁର ମହାନଗର ନିଗମର ୫ଟି କେନ୍ଦ୍ର ଜରିଆରେ ୪୬୦୦ ଲୋକ ଖାଇଥାନ୍ତି। କିନ୍ତୁ ଏଠାରେ ମଧ୍ୟ ସମାନ ସ୍ଥିତି। ବୁର୍ଲାରେ ପ୍ରତିଦିନ ୧୮୦୦ ଲୋକ ଖାଉଥିବା ଖାଦ୍ୟ ଏକ ଘଣ୍ଟା ମଧ୍ୟରେ ସରିଯାଏ। ଶିଳ୍ପାଞ୍ଚଳ ହୀରାକୁଦରେ ଅନେକ ସଂଖ୍ୟାରେ ଶ୍ରମିକ ଥିବାରୁ ସେଠାରେ ନୂତନ ଆହାର କେନ୍ଦ୍ର ଖୋଲିବା ପାଇଁ ଅନେକ ଦିନରୁ ଦାବି ହେଉଛି। କଟକରେ ୧୧ ଆହାର କେନ୍ଦ୍ରରେ ୭ ହଜାର ଲୋକଙ୍କ ପାଇଁ ଆହାର ବ୍ୟବସ୍ଥା ରହିଛି। ଏଥିରୁ ସର୍ବାଧିକ ଚାହିଦା ଏସସିବିରେ ରହିଛି। ପ୍ରବାସୀ ଶ୍ରମିକ, ରୋଗୀ, ପରିଜନଙ୍କ ସହିତ ବାହାରେ ରହି ପଢୁଥିବା କିମ୍ବା ପ୍ରତିଯୋଗିତା ମୂଳକ ପରୀକ୍ଷା ପ୍ରସ୍ତୁତ ହେଉଥିବା ବିଦ୍ୟାର୍ଥୀଙ୍କ ପାଇଁ ଆହାରରେ ଆବଶ୍ୟକତା ଅଧିକ। କରୋନା ପରେ ଲୋକଙ୍କ ଆର୍ଥିକ ସ୍ଥିତି ଗୁରୁତର ପ୍ରଭାବିତ ହେବା ଏବଂ ରୋଜଗାର ଅନ୍ୱେଷଣରେ ସହରକୁ ଅଧିକ ସଂଖ୍ୟାରେ ଶ୍ରମିକ ଆସୁଥିବାରୁ ଆହାର ଚାହିଦା ବଢ଼ିବାରେ ଲାଗିଛି। ରନ୍ଧନ ଗୃହର ସଫେଇ ପାଇଁ ରବିବାର ଆହାର କେନ୍ଦ୍ର ବନ୍ଦ କରାଯାଏ। ବିକଳ୍ପ ବ୍ୟବସ୍ଥା କରି ରବିବାର ମଧ୍ୟ ଆହାର କେନ୍ଦ୍ର ଖୋଲିବା ପାଇଁ ବିଭିନ୍ନ ସ୍ଥାନରୁ ଦାବି କରାଯାଉଛି। କେବଳ ଖାଦ୍ୟ ହେବା ଯଥେଷ୍ଟ ନୁହେଁ ରାଜ୍ୟ ସରକାରଙ୍କ ପକ୍ଷରୁ ପରିଚ୍ଛନ୍ନତା ଗୁରୁତ୍ୱ ଦେଇ ଆହାର କେନ୍ଦ୍ର ମାନଙ୍କରେ ଶୌଚାଳୟ, ଭେଣ୍ଟିଲେଟର, ବାସନ ମାଜିବା ପାଇଁ ଡିସୱାସ ଆଦି ସର୍ବନିମ୍ନ ବ୍ୟବସ୍ଥା ରହିବାକୁ କୁହାଯାଇଛି। ଅନେକ କେନ୍ଦ୍ରରେ ଏହି ସୁବିଧା ନାହିଁ। ଏପରିକି ଖାଦ୍ୟର ଗୁଣାତ୍ମକମାନ ହ୍ରାସ ନ ପାଉ ଏଥିପାଇଁ ଅଧିକାରୀ ମାନଙ୍କୁ ସପ୍ତାହରେ ଥରେ ଆହାର କେନ୍ଦ୍ର ଖାଦ୍ୟ ଖାଇବା ପାଇଁ ନିର୍ଦ୍ଦେଶ ଜାରି ବେଳେ ଅନେକ ଅଧିକାରୀ ଆହାର କେନ୍ଦ୍ରକୁ ଯାଇ ଖାଦ୍ୟ ଖାଇଥିଲେ। ମାତ୍ର ବର୍ତ୍ତମାନ ସ୍ଥିତିରେ ଭୁବନେଶ୍ୱର ସମେତ ରାଜ୍ୟର କେତୋଟି ଜିଲ୍ଲାରେ ଅଧିକାରୀମାନେ ଆହାର ସ୍ୱାଦ ଚାଖୁଛନ୍ତି ତାକୁ ନେଇ ସନ୍ଦେହ ରହିଛି। କିଛି ଦାତବ୍ୟ ସଙ୍ଗଠନ ଓ ବଦାନ୍ୟ ବ୍ୟକ୍ତି ବିଶେଷ ଗରିବ ଲୋକମାନଙ୍କୁ ନାରାୟଣ ସେବା ମାଧ୍ୟମରେ ଖାଦ୍ୟ ବଣ୍ଟନ କରୁଥିବାରୁ ଆହାର କେନ୍ଦ୍ର ଉପରୁ ଚାପ ସ୍ୱାଭାବିକ ଭାବେ କମୁଛି। ଏହି ଲେଖକ ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଜଣେ ସକ୍ରିୟ ସେବାଦଳ କର୍ମୀ ହୋଇଥିବାରୁ ସଙ୍ଗଠନ ପକ୍ଷରୁ ନାରାୟଣ ସେବା କାର୍ଯ୍ୟକ୍ରମରେ ନିଜେ ସାମିଲ ହୋଇଛି। ଓଡ଼ିଶା ରାଜ୍ୟ ଆହାର ସୋସାଇଟି ମାଧ୍ୟମରେ ୩୦ ଜିଲ୍ଲା ଏବଂ ୧୧୫ ଅର୍ବାନ ଲୋକାଲ ବଡ଼ିର ୧୬୭ କେନ୍ଦ୍ରରେ ଆହାର ଦିଆଯାଉଛି। ଏଥିପାଇଁ ୪କୋଟି ଟଙ୍କା ଖର୍ଚ୍ଚ ହେଉଛି। ଆହାରରେ ହେଉଥିବା ସମୁଦାୟ ଖର୍ଚ୍ଚ ୨୩ ଟଙ୍କାରୁ ୧୮ ଟଙ୍କା ସରକାର ଏବଂ ୫ଟଙ୍କା ଲୋକେ ବହନ କରନ୍ତି। ଟଙ୍କାର କୌଣସି ଅଭାବ ନାହିଁ। ଜିଲ୍ଲାପାଳମାନେ ନିଜେ ଚାହିଁଲେ ମିଲ ସଂଖ୍ୟା ବଢ଼ାଇ ପାରିବେ ବୋଲି ସୁଦ୍ଧା କହିଛି। ପୂର୍ବରୁ ମାନ୍ନା ଟ୍ରଷ୍ଟ ଜରିଆରେ ଆହାର ପରିଚାଳିତ ହେଉଥିବାବେଳେ ସେମାନେ ନିଜସ୍ୱ ଗୋଟିଏ ରୋଷେଇ ଗୃହରେ ଖାଦ୍ୟ ପ୍ରସ୍ତୁତ କରି କେନ୍ଦ୍ର ମାନଙ୍କୁ ପଠାଉଥିଲେ। ବର୍ତ୍ତମାନ ଏସଏଚଜି ଗୁଡ଼ିକ ଆହାର କେନ୍ଦ୍ର ପରିଚାଳନା କରୁଛନ୍ତି। ଏହି ବ୍ୟବସ୍ଥାରେ ପ୍ରତ୍ୟେକ କେନ୍ଦ୍ରରେ ନିଜସ୍ୱ ରୋଷେଇ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ହୋଇଛି। ଏଥିପାଇଁ ୩୨ ଲକ୍ଷ ଟଙ୍କା ଦିଆଯାଇଛି। ଯେଉଁ କେନ୍ଦ୍ରଗୁଡ଼ିକରେ ଏହାର ନିର୍ମାଣ କାର୍ଯ୍ୟ ସରି ନାହିଁ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ହୋଇଛି। ଏପରିକି ଆଗାମୀ ଦିନରେ ଭାତ, ଡାଲମା ସହିତ ତରକାରି କିମ୍ବା ଭଜା ସାମିଲ ପାଇଁ ବିଚାର କରାଯାଉଥିବା ନେଇ ସୂଚନା ମିଳିଛି। ତେବେ ଏହା ସତକଥା ରାଜ୍ୟରେ ଆହୁରି ଆହାର କେନ୍ଦ୍ର ଖୋଲା ଯିବାର ଦରକାର ପଡୁଛି।

*ଶିଖରପୁର ଉପରସାହି, କଟକ,*
*ଦୂରଭାଷ : ୮୨୮୦୯୬୩୨୮୩*




# କୃଷି ବିଲ୍‌କୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ସମାବେଶ



ଖୋର୍ଦ୍ଧା (ପିଏନ)-କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆଣିଥିବା କୃଷି ବିଲ ହେଉଛି କୃଷି ମାରଣ ବିଲ୍ । ଏହି ବିଲ୍ ପାସ୍ ହେବା ଦ୍ୱାରା ବଡ ବଡ କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି । ଏହି କୃଷି ମାରଣ ବିଲ୍‌କୁ ସାରା ଭାରତବର୍ଷରେ ଚାଷୀ, ସାଧାରଣ ଲୋକ ବିରୋଧ କରୁଥିବା ବେଳେ ଓଡିଶାରେ ମଧ ବିରୋଧ କରାଯାଇଛି । ଏହି ଅବସରରେ କିଛି ଦିନ ତଳେ ପ୍ରଦେଶ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଠାରେ ଏକ ରାଜ୍ୟସ୍ତରୀୟ କୃଷି ସମାବେଶ ଅନୁଷ୍ଠିତ ହୋଇଥିଲା । ସେହିପରି ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଏବଂ ଚାଷୀ ସେମାନଙ୍କ ଟ୍ରାକ୍ଟର ଓ ହଳଲଙ୍ଗଳ ଧରି ଅଭିନବ ଉପାୟରେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଥିଲେ । କୃଷି ବିଲ୍ ଆଇନ୍‌ର ପ୍ରତ୍ୟାହାର ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ତହସିଲ୍‌ଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏହି କୃଷି ବିଲ୍ ପାରିତ ହେବା ଦ୍ୱାରା କୃଷକମାନେ କେତେ ଯେ ହଇରାଣ ହରକତ ହେବେ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତ୍ରୀବ୍ର ସମାଲୋଚନା କରିଥିଲେ । ଓଡିଶାରେ କଂଗ୍ରେସ ସରକାର ସମୟରେ ଚାଷୀମାନଙ୍କର ଅଭୂତପୂର୍ବ ଉନ୍ନତି ହୋଇଥିଲା । କୃଷି ଶିକ୍ଷ ସାଂଗକୁ ଜଳସେଚନ ବ୍ୟବସ୍ଥାକୁ ମଜବୁତ କରାଯାଇଥିଲା । ଦିର୍ଘ ୨୧ ବର୍ଷ ଧରି ଏଠାରେ ଶାସନ କରୁଥିବା ନବୀନ ସରକାର ଚାଷୀ ତଥା କୃଷି କ୍ଷେତ୍ରକୁ ଅବହେଳା କରିଛନ୍ତି । ଏହି ଚାଷୀବିଲ୍ ପାରିତ ହେବା ପରେ ଚାଷୀମାନେ ତାଙ୍କ ଖାଦ୍ୟଶସ୍ୟର ଉପଯୁକ୍ତ ମୂଲ୍ୟ ନପାଇବାରୁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସାଧାରଣ ଜନତା ବି ଏଥିରୁ ତ୍ରାହି ପାଇନାହାନ୍ତି । ବର୍ତମାନ ଅତ୍ୟାବଶ୍ୟକୀୟ ସାମଗ୍ରୀ, ଫଳ, ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି । ରାଜ୍ୟରେ କରୋନା ମହାମାରୀ ବର୍ତମାନ ସଂକଟ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସାଧାରଣ ଲୋକଟିଏ ଜୀବନ ବଂଚାଇବା ପାଇଁ ସଂଘର୍ଷ କରୁଛି । ଏହି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଢ଼ିବା ତାଙ୍କ ଉପରେ ବୋଝ ଉପରେ ଲଳିତାବିଡା ସଦୃଶ ହୋଇଛି । ତେଣୁ ଏହି କଳା କୃଷି ବିଲ୍ ଆଇନ୍‌କୁ ସମସ୍ତ ଜନସାଧାରଣ ବିରୋଧ କରିବା ଉଚିତ୍ ବୋଲି ଶ୍ରୀ ରାଉତରାୟ ତାଙ୍କ ଉଦ୍‌ବୋଧନରେ କହିଥିଲେ । ଆଜିର ସମାବେଶରେ ଅନ୍ୟମାନଙ୍କ ମଧରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶୁଭେନ୍ଦୁ ମହାନ୍ତି, ପ୍ରଦୀପ ସ୍ୱାଇଁ, ପ୍ରଦୀପ ସାହୁ, ଶିଶିର ପରିଡା, ସଂଗ୍ରାମ ରାଉତରାୟ, ସୁନିଲ୍ ରାଉତରାୟ, ସୁଧାଂଶୁ ମୋହନ ପଟ୍ଟନାୟକ, ତ୍ରିଲୋଚନ ପ୍ରଧାନ, ତପନକାନ୍ତ ଚକ୍ରବର୍ତୀ, ଅମିତ୍ ମହାନ୍ତି, କଳିଙ୍ଗ ସାହୁ, ନୌସର ଅଲ୍ଲୀ, ବୃନ୍ଦାବନ ସାହୁ, ଅନନ୍ତ ବେହେରା, ବାବୁଲି ରାଉତରାୟ, ଦିବାକର ବେହେରା, ପଦୁ ରାୟ, ସଂଜୟ ପଟ୍ଟନାୟକ, ଜୟକୃଷ୍ଣ ମଲିଆ, ସ୍ୱାଗତ କର, ବଟକୃଷ୍ଣ ରାଉତରାୟ, ଜୟନ୍ତ ଭୋଇ, ପ୍ରସାଦ ବଳିୟାରସିଂ, କାଳନ୍ଦି ଚରଣ ନାୟକ, ସୁବାସ ପାତ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।

# ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ଶ୍ରଦ୍ଧାଞ୍ଜଳି ସଭା



ଜଗତସିଂହପୁର ,(ପି ଏନ): ଜଗତସିଂହପୁର ବ୍ଲକ ପୁନଙ୍ଗ ପଂଚାୟତ ତରଫରୁ ପୂର୍ବତନ ମନ୍ତ୍ରୀ ତଥା ଦିବଂଗତ ନେତା ସମୀର ଦେଙ୍କ ଏକ ବିରାଟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ କରାଯାଇଥିଲା. ଏହି ସର୍ବଦଳୀୟ ସଭାରେ ଶତାଧିକ ସମୀର ପ୍ରେମୀ ଯୋଗଦେଇ ସ୍ୱର୍ଗତ ସମୀର ଦେଙ୍କ ଗୁଣଗାନ କରିଥିଲେ. ତାଙ୍କର ଘନିଷ୍ଠ ସହଯୋଗୀ ପ୍ରଦୀପ ସିନ୍‌ହା, ଭାଇ ପ୍ରଣବ ଦେଙ୍କ ସମେତ ତାଙ୍କର ବାଲ୍ୟ ଗୁରୁ ପ୍ରଭାକର ଦାସ ପ୍ରମୁଖ ସଭାରେ ଯୋଗଦେଇ ସ୍ମୃତି ଚାରଣ କରିଥିଲେ. ଶ୍ରୀ ଶରତ ଚନ୍ଦ୍ର ପାତ୍ର ମଞ୍ଚ ପରିଚାଳନା କରିଥିଲେ. ଏହି ସଭାରେ ପୁତୁରା ଆଲୋକ ଦେ ଓ ହିମାଂଶୁ ଦେ ଉପସ୍ଥିତ ରହିବା ସହିତ ସିଦ୍ଧ ବାରଙ୍ଗ ମହାବିଦ୍ୟାଳୟର ପ୍ରତିଷ୍ଠାତା ବିଜୟ କୃଷ୍ଣ ଗୋସ୍ୱାମୀ, ସଲିଳ ଘୋଷ, ଭବାନୀ ଶଙ୍କର ଗୋସ୍ୱାମୀ, ସୁବିର ମିତ୍ର, ଦିଲୁ ଚୌଧୁରୀ, ସୁମିତ ସାହୁ, ସୋମ୍ୟ ରଞ୍ଜନ ବେହେରା, ବାପୁ ମିତ୍ର, ଦିଲୁ ସିନ୍‌ହା, ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ. ଶ୍ରଦ୍ଧାଞ୍ଜଳି ସଭା ବୈଠକରେ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲ୍ଲାପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ପୌରାଧକ୍ଷା ଅର୍ଚ୍ଚନା ସିଂ, ଜଗତସିଂହପୁର ବ୍ଲକ ଉପା ଅଧକ୍ଷ ରତିରଞ୍ଜନ ବେହେରା, ସ୍ଥାନୀୟ ସରପଞ୍ଚ ଶକୁନ୍ତଳା ପାତ୍ର, ସମିତି ସଭ୍ୟ ଦୁର୍ଗା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦେଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କର ଭାତୃଭାବ ଓ ଜନ୍ମମାଟି ପ୍ରତି ମମତା ଆଦି ସୁଗୁଣ ଆଲୋଚନା କରିଥିଲେ । ଶେଷରେ ସୁଜିତ କୁମାର ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି । ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି । ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ । ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି । କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି । ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ ି ହୋଇଥିଲା । କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ । ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ୱଷ୍ଟ ଭାବେ ଜଣାଇଛି । ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି । ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି । ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା । ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା । ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି । ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୂପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି । ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି । ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା ିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି ।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି



ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି । ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା । ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି । ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ । ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି । ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା । ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ । ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା । ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ । ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ । ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ । ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା । ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା । ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ । ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ । କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ ।

## ତାରିଣୀ ମା'ଙ୍କ ବରିଷ୍ଠ ପୂଜକଙ୍କ ଦେହାନ୍ତ

ଗୋଳାବନ୍ଧ(ପିଏନ)-ଘଟଗାଁ ତାରିଣୀ ମନ୍ଦିରର ବରିଷ୍ଠ ପୂଜକ ଦୁର୍ଯ୍ୟୋଧନ ଦେହୁରୀ(୯୮)ଙ୍କ ଆଜି ସକାଳେ ଗୋଳାବନ୍ଧ ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ବାର୍ଦ୍ଧକ୍ୟ କାରଣରୁ ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ସମସ୍ତ ପୁଅ, ଝିଅ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ । ଅଂଚଳର ବହୁ ବରିଷ୍ଠ ନେତୃବୃନ୍ଦ ଦର୍ଶନ କରିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ମା'ତାରିଣୀଙ୍କ ବରିଷ୍ଠ ପୂଜକଙ୍କ ମୃତ୍ୟୁ ଖବର ଶୁଣିବା ପରେ ଗୋଳାବନ୍ଧ ଠାରୁ ଆରମ୍ଭ କରି ଘଟଗାଁ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# କାଦୁଅ ବିଲରେ ଫସି ହାତୀ ଶାବକର ମୃତ୍ୟୁ



କେନ୍ଦୁଝର(ପିଏନ)-ଭୂୟାଁ ଜୁଆଙ୍ଗ ପୀଢ କୁଶକଳା ବିଟ୍ ଅନ୍ତର୍ଗତ ନଡାପାଣି ଗାଁ ବିଲ କାଦୁଅରେ ଫସି ଗୋଟିଏ ୨ବର୍ଷର ହାତୀ ଶାବକର ମୃତ୍ୟୁ ହୋଇଥିବା ଜଣାପଡିଛି । ୯ଟି ହାତୀ ଥିବା ଗୋଟିଏ ଦଳ ଗୁରୁବାର ଦିନ ପାହାଡତଳ ଗାଁ ନଡାପାଣିରେ ରହିଥିଲେ । ଏହି ଦଳରେ ୨ଟି ଦନ୍ତା, ୪ଟି ମାଈ ଓ ୩ଟି ଛୁଆ ହାତୀ ଥିଲେ । ବନବିଭାଗର ସ୍କ୍ୱାର୍ଡ ମଧ୍ୟ ଏହି ଦଳ ଉପରେ ତୀକ୍ଷଣ ନଜର ରଖିଥିଲା । ତେବେ ଭୋର ସମୟରେ ହାତୀ ଦଳ କାଦୁଅ ବିଲ ଦେଇ ଯାଉଥିବାବେଳେ ୨ବର୍ଷର ଶାବକଟି କାଦୁଅରେ ଫସି ଯାଇଥିଲା । ଅନ୍ୟ ହାତୀମାନେ ଶାବକଟିକୁ କାଦୁଅରୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ହାତୀ ଗର୍ଜନ ଶୁଣି ବନବିଭାଗକୁ ଖବର ଦେଇଥିଲେ । ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ,ଶୁଆକାଟୀ ଫରେଷ୍ଟର ଟିକେଶ୍ୱର ମହାନ୍ତ ଏବଂ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ସକାଳ ୯ଟା ସମୟରେ ପହ ିବା ବେଳକୁ ହାତୀ ଶାବକଟିର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା । କେନ୍ଦୁଝର ଡିଏଫ୍‌ଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବାବେଳେ ଶନିବାର ଦିନ ହାତୀଶାବକଟିର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି ।

## ମାଟିଆଭଟା ଗାଁ ନିକଟ ରାସ୍ତାକଡ ରୁ ଯୁବକର ମୃତ ଦେହ ଉଦ୍ଧାର

ଖପ୍ରାଖୋଲ,(ପିଏନ) : ଖପ୍ରାଖୋଲ ଥାନା ମାଟିଆଭଟା ଗାଁ ନିକଟ ରାସ୍ତା କଡ଼ରୁ ପୋଲିସ ଜଣେ ଯୁବକର ମୃତ ଦେହ ଗୁରୁବାର ସକାଳେ ଉଦ୍ଧାର କରିଥିବା ଜଣାଯାଇଛି । ମୃତ ଯୁବକ ଜଣକ ଅନକାମରା ଗାଁ ର ଅଜୁ ତାଣ୍ଡି (୨୦) ବୋଲି ପୋଲିସ ସୂଚ଼ନା ଦେଇଛି । ଏନେଇ ଖପ୍ରାଖୋଲ ଖପ୍ରାଖୋଲ ଥାନା କେସ ନମ୍ବର ୨୮୨/୨୪ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣା ର ତଦନ୍ତ କରିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚ଼ନା ଦେଇଛନ୍ତି । ସୂଚ଼ନା ଅନୁସାରେ ମୃତ ଯୁବକ ବୁଧବାର ସନ୍ଧ୍ୟାରେ କୌଣସି କାମରେ ବାହାର କୁ ଯାଇ ରାତିରେ ଘରକୁ ଫେରୁଥିବା ବେଳେ ମୋଟର ସାଇକେଲ ଭାରସାମ୍ୟ ହରାଇ ବୁଲାଣି ପଡ଼ି ମୃତ୍ୟୁ ହୋଇଥିବା ପୋଲିସ ଅନୁମାନ କରୁଛି । ଏନେଇ ସୂଚ଼ନା ପାଇ ପୋଲିସ ସକାଳୁ ଅଗ୍ନିଶମ ବାହିନୀ ସହ ପହଞ୍ଚି ମୃତ ଦେହ ଉଦ୍ଧାର କରିଥିଲେ । ପରେ ଶବ ର ପଞ୍ଚନାମା ସହ ବ୍ୟବଚ୍ଛେଦ ପରେ ମୃତ ଦେହ କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି । ଯୁବକ ର ମୃତ୍ୟୁ ପରେ ପରିବାର ରେ କାନ୍ଦ ବୋବାଳି ରେ ଫାଟି ପଡ଼ିଛି ।


# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ



ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର । ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ । ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ । ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ । କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ । ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ । ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




# ଓଡ଼ିଶାରେ ଗାନ୍ଧୀ ସ୍ମୃତି ଓ ଗାନ୍ଧୀ କଥା




ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଜି ତିରୋଧାନ ଦିବସ। ବାପୁଜୀ ମହାତ୍ମା ଗାନ୍ଧୀଙ୍କ ଆଗମନର ଶତବାର୍ଷିକ ପାଳନ କରାଯିବା ସହ ଗାନ୍ଧୀକଥା ଆୟୋଜନ ହେବାକୁ ଯାଉଛି। ମହାତ୍ମାଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଗସ୍ତର ଶତବାର୍ଷିକୀ ପ୍ରତିପାଳନ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତି ଲାଗି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସୂଚନାଯୋଗ୍ୟ ଯେ ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ଗାନ୍ଧୀଜୀ ପ୍ରଥମ ଓଡ଼ିଶା ଗସ୍ତ କରିଥିଲେ। ଏହି ପ୍ରଥମ ଗସ୍ତ ଅବସରରେ ସେ କଟକ, ଭଦ୍ରକ, ସାକ୍ଷୀଗୋପାଳ, ପୁରୀ ଓ ବ୍ରହ୍ମପୁରରେ ଆୟୋଜିତ ଅନେକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନିମନ୍ତ୍ରଣ କ୍ରମେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ହୋଇଥିଲା ଏବଂ ଏଥିରେ ହଜାର ହଜାର ସଂଖ୍ୟାରେ ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗ ଦେଇଥିଲେ। ଏହାପରେ ୧୯୪୬ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଗାନ୍ଧୀଜୀ ଆଉ ୭ଥର ଗସ୍ତ କରିଥିଲେ। ସେ ୧୩ଟି ଜିଲ୍ଲା ଗସ୍ତ କରିଥିଲେ ମଧ୍ୟ ବର୍ତ୍ତମାନର ୩୦ଟି ଜିଲ୍ଲାରେ ତାଙ୍କ ଗସ୍ତର ବ୍ୟାପକ ପ୍ରଭାବ ପଡ଼ିଥିଲା। ଫଳରେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବାଣୀ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ ଆଦିରେ ଲକ୍ଷାଧିକ ଲୋକ ସାମିଲ ହେବା ସହ ଶତାଧିକ ସହିଦ ହୋଇଥିଲେ। ହଜାର ହଜାର ସ୍ୱାଧୀନତା ସଂଗ୍ରାମୀ କାରା ଓ ନିର୍ଯାତନା ବରଣ କରିଥିଲେ। ଏହାଛଡ଼ା ଗାନ୍ଧୀଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମର ପ୍ରଭାବ ଓଡ଼ିଶାରେ ସମାଜସେବା ଓ ସଂସ୍କାର କ୍ଷେତ୍ରରେ ମଧ୍ୟ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲା। ବିଭିନ୍ନ ବିଭାଗ ସହ ଯୋଗସୂତ୍ର ରକ୍ଷା କରି ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ, ସ୍ୱାଭିମାନ ଓ ସ୍ୱଦେଶୀ ଓ ସ୍ୱାବଲମ୍ବନଶୀଳତାର ବାର୍ତ୍ତାର ବ୍ୟାପକ ରୂପାୟନ ଲାଗି ଏହି ବୈଠକରେ ମତପ୍ରକାଶ ପାଇଛି। ପ୍ରାଥମିକରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ, ମହିଳା ଓ ଯୁବ ସଙ୍ଗଠନ, କୃଷକ ସଙ୍ଗଠନ, ସ୍ୱେଚ୍ଛାସେବୀ ସଂସ୍ଥା ଓ ଗାନ୍ଧୀପ୍ରେମୀମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଜଡ଼ିତ କରି କମ୍ ଖର୍ଚ୍ଚରେ କିଭଳି ବ୍ୟାପକ ଗଣଜାଗରଣ ସୃଷ୍ଟି କରାଯିବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଓଡ଼ିଶା ପ୍ରସଙ୍ଗରେ ଗାନ୍ଧୀଜୀ ଯାହା କରିଛନ୍ତି ଓ କହିଛନ୍ତି ଏବଂ ତାଙ୍କ ସହ ଯେତେ ପତ୍ର ବିନିମୟ ହୋଇଛି ସେ ସବୁକୁ ସଂଗ୍ରହ କରି ତାହାର ଓଡ଼ିଆ ଅନୁବାଦ ପୁସ୍ତକ ପ୍ରକାଶ କରିବା ଲାଗି ମଧ୍ୟ ପ୍ରସ୍ତାବ ଆସିଛି। ଏହାଛଡ଼ା ଗାନ୍ଧୀ, ୧୫୦ କାର୍ଯ୍ୟକ୍ରମରେ ପ୍ରତି ବ୍ଲକରେ ଆଦର୍ଶ ପଞ୍ଚାୟତ ସ୍ଥାପନ କରି ଗ୍ରାମ ସ୍ୱରାଜର ଠିକଣା ପରିପ୍ରକାଶ ଲାଗି ମଧ୍ୟ ଉଦ୍ୟମ ଆରମ୍ଭ ହୋଇଛି। ଦଳମତ ନିର୍ବିଶେଷରେ ସମସ୍ତେ ଏହି ସ୍ମରଣୀୟ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଗାନ୍ଧୀଜୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକ ପାଇଁ ମାର୍ଚ୍ଚ ୨୩ରେ କଟକରେ, ମାର୍ଚ୍ଚ ୨୫ ଭଦ୍ରକରେ, ମାର୍ଚ୍ଚ ୨୭ ସତ୍ୟବାଦୀରେ, ମାର୍ଚ୍ଚ ୨୮ ପୁରୀରେ ଓ ମାର୍ଚ୍ଚ ୩୦ରେ ବ୍ରହ୍ମପୁରରେ ସଭା ପଦଯାତ୍ରାର ଆୟୋଜନ ହେଉଛି। ଆଜିର ସମୟରେ ଗାନ୍ଧିଜୀଙ୍କ ମୂଲ୍ୟବୋଧ ଓ ତାଙ୍କର ଅବଦାନ ପ୍ରତିଟି ଭାରତୀୟଙ୍କ ପାଇଁ ଆଦର୍ଶର ମହାମନ୍ତ୍ର ପାଲଟିଛି। ଆସନ୍ତୁ ଆଜିର ପବିତ୍ର ଦିନରେ ଦେଶ ଓ ସମାଜର ସର୍ବାଙ୍ଗୀନ ଉନ୍ନତି ଓ ସେବା ସହ ମହାତ୍ମା ଗାନ୍ଧୀଙ୍କ ପ୍ରତିଟି ବାଣୀକୁ ନିଜ ଜୀବନରେ ପ୍ରତିଫଳିତ କରିବା ଏହା ହିଁ ହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

# କୁଷ୍ଠରୋଗୀଙ୍କ ସେବା: ଭଗବାନଙ୍କ ସେବା

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସକୁ ସାରା ଭାରତବର୍ଷରେ କୁଷ୍ଠ ରୋଗ ନିରୋଧୀ ଦିବସ ଭାବେ ପାଳନ କରାଯାଏ। କୁଷ୍ଠ ଭଳି ସଂକ୍ରାମକ ରୋଗରେ ପୀଡ଼ିତ ରୋଗୀଙ୍କ ଯତ୍ନ ଓ ସେମାନଙ୍କ କଲ୍ୟାଣ ପାଇଁ ଗାନ୍ଧୀଙ୍କ ନିସ୍ୱାର୍ଥପର ପଦକ୍ଷେପକୁ ମନେପକାଇବାକୁ ଏହି ଦିବସ ପାଳିତ ହୋଇଥାଏ। ଶିକ୍ଷାନୁଷ୍ଠାନମାନଙ୍କରେ କୁଷ୍ଠ ନିରୋଧୀ ଅଭିଯାନ ଅନୁଷ୍ଠିତ ହୋଇଥାଏ। ନାଟକ, ଚଳଚ୍ଚିତ୍ର ମାଧ୍ୟମରେ କୁଷ୍ଠ ପ୍ରତି ଲୋକଙ୍କୁ ସଚେତନ କରାଯାଏ। ଚିକିତ୍ସା ଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରେ, ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଭାରତରେ ଏହି ସନ୍ଦେଶ ପ୍ରେରଣ କରାଯାଇଥାଏ। ରୋଗ ସହ ଲଢ଼ିବାର ସାହସ ଜାଗ୍ରତ କରାଯାଇଥାଏ। ରୋଗକୁ ନେଇ ଲୋକଙ୍କ ମନର ଭ୍ରମ ଦୂର କରିବା ଏହି ଦିବସର ଲକ୍ଷ୍ୟ। ଲୋକଙ୍କୁ କୁଷ୍ଠ ପ୍ରତି ସଚେତନ କରାଇବା, ପୀଡ଼ିତଙ୍କୁ ନିୟମିତ ଓ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦେବା, ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ମାନସିକ ସ୍ତରରେ ମଜବୁତ କରିବା ସହ ରୋଗ ସମୟରେ ଅନ୍ୟ ଶାରୀରିକ ସମସ୍ୟା ପ୍ରତି ସଚେତନ କରିବା କୁଷ୍ଠ ନିରୋଧୀ ଦିବସ ପାଳନର ଉଦ୍ଦେଶ୍ୟ। ସାଧାରଣରେ କୁଷ୍ଠ ରୋଗ ଆଉ ଅଛୁଆଁ ହୋଇ ରହିନାହିଁ। ସାଧାରଣତଃ ଏହା କୁଷ୍ଠ ମାଇକୋବ୍ୟାକ୍ଟେରିଅମ ଲେପ୍ରି ଓ ମାଇକୋବ୍ୟାକ୍ଟେରିଅମ୍ ଲେପ୍ରୋମାଟୋସିସ୍ ନାମକ ଦୁଇ ପ୍ରକାର ବ୍ୟାକ୍ଟେରିଆ ଦ୍ୱାରା ହୋଇଥାଏ। ଅଧିକାଂଶ କ୍ଷେତ୍ରରେ ଆମ ଶରୀର ଏହି କୁଷ୍ଠ ରୋଗ ଜୀବାଣୁକୁ ନଷ୍ଟ କରିଦେଇଥାନ୍ତି। ଏଣୁ ବହୁତ କମ୍ ଲୋକ ଏହି ରୋଗରେ ପଡ଼ିଥାନ୍ତି। ଏହି ରୋଗ ତିନି ପ୍ରକାରର ଦେଖାଯାଇଥାନ୍ତି। ସେଥିଭିତରୁ ଗୋଟିଏ ହେଉଛି ସ୍ନାୟୁ କୁଷ୍ଠ ରୋଗ। ଯାହାକି ପ୍ରଭାବିତ ଅଙ୍ଗଗୁଡ଼ିକର ସମ୍ବେଦନଶୀଳତାକୁ ନଷ୍ଟ କରିଦିଏ। ପ୍ରଭାବିତ ଅଞ୍ଚଳକୁ କାଟିଲେ କିମ୍ବା ଚିମୁଟିଲେ ମଧ୍ୟ ରୋଗୀ କିଛି ଜାଣି ପାରନ୍ତି ନାହିଁ ଅର୍ଥାତ୍ ରୋଗୀ ପ୍ରଭାବିତ ସ୍ଥାନରେ ଯନ୍ତ୍ରଣା ଅନୁଭବ କରନ୍ତି ନାହିଁ। ସେହିପରି ଆଉ ଗୋଟିଏ ହେଉଛି ଗ୍ରନ୍ଥି କୁଷ୍ଠ ରୋଗ, ଏହା ମଣିଷ ଶରୀରରେ ବିଭିନ୍ନ ରଙ୍ଗର ଦାଗ ସହିତ କେତେକ କ୍ଷେତ୍ରରେ ଘା'ମଧ୍ୟ ସୃଷ୍ଟି କରିଥାଏ। ତେବେ ମିଶ୍ରିତ କୁଷ୍ଠ ରୋଗ ହେଉଛି ଏହା ପ୍ରଭାବିତ ସ୍ଥାନରେ ସମ୍ବେଦନଶୀଳତା ନଷ୍ଟ କରିବା ସହ ଦାଗ ମଧ୍ୟ ହୋଇଥାଏ। କୁଷ୍ଠ ରୋଗର ସଂକ୍ରମଣର କାରଣ ଏଯାତ୍ ଜଣାପଡ଼ିନାହିଁ କିନ୍ତୁ ଏହା ଜୀବାଣୁ ଦ୍ୱାରା ହୋଇଥାଏ। ଯେତେବେଳେ କୁଷ୍ଠ ରୋଗର ଜୀବାଣୁ ଶରୀରରେ ପ୍ରବେଶ କରେ ଏହା ମରିଯାଏ। କିନ୍ତୁ ଯେଉଁମାନଙ୍କ ଠାରେ ରୋଗପ୍ରତିରୋଧକ ଶକ୍ତି କମ୍ ଥାଏ ସେମାନଙ୍କ କ୍ଷେତ୍ରରେ ଏହା ଦେଖାଯାଇନଥାଏ। ସେମାନେ ଏହି ରୋଗରେ ଆକ୍ରାନ୍ତ ହେବାର ବଡ଼ ସମ୍ଭାବନା ଥାଏ। ଏହାଛଡ଼ା ପର୍ଯ୍ୟାପ୍ତ ପରିମାଣରେ ପୌଷ୍ଟିକ ଆହାର ନମିଳିବା ଏବଂ ଦୀର୍ଘ ସମୟ ଧରି ଦୂଷିତ ଖାଦ୍ୟ ଖାଇବା ଦ୍ୱାରା କୁଷ୍ଠରୋଗ ହେବାର ଆଶଙ୍କା ଥାଏ। କୁଷ୍ଠ ରୋଗର ଲକ୍ଷଣ ହେଉଛି ଏହି ରୋଗ ପ୍ରାରମ୍ଭରେ ଆଦୌ ଲକ୍ଷଣଯୁକ୍ତ ହୁଏ ନାହିଁ। କୁଷ୍ଠରୋଗୀ ମାନଙ୍କୁ ନେଇ ଆମ ମାନଙ୍କ ଭିତରେ ସେପରି ଭ୍ରାନ୍ତ ଧାରଣା ରହିବା କଥା ନୁହେଁ। ଜଣେ ରୋଗୀକୁ ପ୍ରାଥମିକ ଅବସ୍ଥାରେ ଡାକ୍ତରୀ ପରାମର୍ଶ ସହ ପରୀକ୍ଷା ନିରୀକ୍ଷା ଓ ନିୟମିତ ଔଷଧପତ୍ର ସେବନ କରିବା ଉଚିତ। ଏହା ସହ ସ୍ୱାସ୍ଥ୍ୟ ପରିବେଶ ଭିତରେ ନିୟମିତ ଡ୍ରେସିଂ କରିବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମର ଆୟୋଜନ ହେବା ଉଚିତ। ଆଜି କୁଷ୍ଠ ନିରୋଧ ଦିବସ ଅବସରରେ ଆସନ୍ତୁ ଆଜି ଆମେ ସମସ୍ତେ କେବଳ ସରକାର ବା ପ୍ରଶାସନର ଦୋଷ ନଦେଇ ନିଜ ସୀମିତ ସାଧମତେ ଆମ ଆଖପାଖରେ ଥିବା କୁଷ୍ଠ ରୋଗୀଙ୍କ ସେବା କରିବା ଏବଂ ଆଜିର ଦିନ ଜାତିର ଜନକ ବାପୁଜୀଙ୍କ ତିରୋଧାନ ଦିବସ ହୋଇଥିବାରୁ ଓ ବାପୁଜୀ କୁଷ୍ଠରୋଗୀ ମାନଙ୍କ ସେବାକୁ ଅତ୍ୟନ୍ତ ଆନନ୍ଦର ସହିତ ସେବା କାର୍ଯ୍ୟ ବୋଲି ବିଚାର କରିଥିବାରୁ ଆମ୍ଭମାନଙ୍କର ଏହି ଦିବସର ସଂକଳ୍ପ ପୂଜ୍ୟ ବାପୁଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ।

# ଗାନ୍ଧିଜୀ ଥିଲେ ପ୍ରଥମ ସର୍ବଭାରତୀୟ ନେତା



ସୂର୍ଯ୍ୟାସ୍ତ ବିହୀନ ବ୍ରିଟିଶ ଉପନିବେଶବାଦ ବିରୁଦ୍ଧରେ ସତ୍ୟ, ଅହିଂସା, ପ୍ରେମ ଓ ସର୍ବୋଦୟର ମହତ୍ତମ ଭାବନାରୁ ଉତ୍ପନ୍ନ ଅତୁଳନୀୟ ଶକ୍ତିର ପ୍ରୟୋଗ କରି ଭାରତବର୍ଷକୁ ସ୍ୱରାଜ୍ୟ ଆଣି ଦେଇଥିବା ମହାମାନବ ମହାତ୍ମା ଗାନ୍ଧୀଙ୍କ ଚିନ୍ତା-ଚେତନା କେବଳ ଆମ ଦେଶ ନୁହେଁ, ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ତଥା ସମ୍ମାନୀତ ସ୍ଥାନ ଅଧିକାର କରିଛି। ଗାନ୍ଧିଜୀଙ୍କ ଯୋଗୁ ଓଡିଶାର ବିଭିନ୍ନ ପ୍ରସଙ୍ଗ ସର୍ବଭାରତୀୟ ସ୍ତରରେ ଉତ୍‌ଥାପିତ ହେବା ସମ୍ଭବ ହୋଇପାରିଥିଲା। ସେହି କାରଣରୁ ସେ ଓଡିଶାବାସୀଙ୍କ ହୃଦୟକୁ ବିଜୟକରବା ସହ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ। ସେ ଥିଲେ ପ୍ରଥମ ସର୍ବଭାରତୀୟ ନେତା ଯିଏ ଆନ୍ତରିକତାର ସହିତ ଓଡିଶାର ଦୁଃଖକୁ ହୃଦୟଙ୍ଗମ କରି ସେମାନଙ୍କ ପ୍ରତି ଦରଦ ପ୍ରକଟ କରିଥିଲେ। ୧୯୧୮ ଓ ୧୯୧୯ ମସିହାରେ ଯଥାକ୍ରମେ ଭୟଙ୍କର ମରୁଡି ଓ ବନ୍ୟା ଓଡିଶାର ଲୋକମାନଙ୍କ ମେରୁଦଣ୍ଡକୁ ଧ୍ୱଂସ କରିଦେଇଥିଲା। ଲୋକମାନଙ୍କ ଦୁରବସ୍ଥାକୁ ପରଖିବା ସହିତ କିଛି କରିବା ଥିଲା ତାଙ୍କର ୧୯୨୧ ମାର୍ଚ୍ଚମାସର ଓଡିଶା ଆଗମନର ମୁଖ୍ୟ ଉଦ୍ଦେଶ୍ୟ। ତାଙ୍କର ଓଡିଶା ଆଗମନ ପୂର୍ବରୁ ଗୁଜୁରାଟ ପତ୍ରିକା 'ନବଜୀବନ'ରେ ସେ ଲେଖିଥିଲେ 'ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ବୋଧହୁଏ ଜାଣିନଥିବେ, ଓଡିଶା କେଉଁଠି?' ବିଶ୍ୱକବି ରବିନ୍ଦ୍ରନାଥ ଠାକୁର ତାଙ୍କର ଏକ କବିତା 'ଉତ୍କଳ' ଆଖ୍ୟାନରେ ଓଡିଶାକୁ ପ୍ରସିଦ୍ଧ କରିଛନ୍ତି। ଦୁର୍ଭିକ୍ଷ ସମୟରେ ପୁରୀ ଜିଲ୍ଲାରେ ଲୋକେ ପୋକ ମାଛି ପରି ମୃତ୍ୟୁମୁଖରେ ପଡିଥିବା ସମ୍ବାଦ ପାଇବା ମାତ୍ରେ ଓଡିଶାକୁ ସାହାଯ୍ୟ ଓ ସହାୟତାର ହସ୍ତ ପ୍ରସାରିତ କରି ନିଜର ଅତ୍ୟନ୍ତ ଅନୁଗତ ସହକର୍ମୀ ଠକ୍‌କର ବାପାଙ୍କୁ ଗୁଜୁରାଟ ଲୋକଙ୍କଠାରୁ ୫୦,୦୦୦ଅର୍ଥ ସଂଗୃହିତ କରି ପଠାଇଥିଲେ। ଯାହାଥିଲା ସର୍ବ ଭାରତୀୟ ପ୍ରୀତିର ଏକ ବଳିଷ୍ଠ ଉଦାହରଣ। 'ଓଡିଶାର ଦୁର୍ଭିକ୍ଷ ସମୟରେ ଏହି ରାଜ୍ୟର ଦାରିଦ୍ର୍ୟ କେତେ ମୁଁ ତାହା ଅନୁଭବ କରିଥିଲି। ଚମ୍ପାରଣ ଲୋକଙ୍କ ଭଳି ଅଧିକ ଦରିଦ୍ର ଲୋକ ଆଉ କେଉଁଠାରେ ନଥିବେ ବୋଲି ମୋର ଧାରଣା। ମାତ୍ର ଦାରିଦ୍ର୍ୟରେ ଓଡିଶା ଚମ୍ପାରଣ କୁ ବି ଟପିଯାଇଛି। ଏଠାରେ ଯାହା ଘଟିଛି ତାର ଯଦି ସ୍ଥାୟୀ ନିରାକରଣ ନହୁଏ ଏବଂ ଓଡିଶାର ପୀଡିତ ଲୋକେ ଖାଦ୍ୟ ବିନା ଉପବାସରେ ମୃତ୍ୟୁବରଣ କରନ୍ତି, ତେବେ ଆମେ ସ୍ୱରାଜ୍ୟ ପାଇଲୁକି ନାହିଁ ଏଥିରେ ଫରକ କଣ?। ଯଥାର୍ଥ ସ୍ୱରାଜ୍ୟରେ କୌଣସି ଜଣେ ହେଲେ ଲୋକଙ୍କୁ ବିନା ଦୋଷରେ କିମ୍ବା ତାହାର ଇଛା ବିରୁଦ୍ଧରେ ଭୋକିଲା ରହିବାକୁ ଦିଆଯିବ ନାହିଁ'। ବାପୁଙ୍କର ଏହି ଭାବନା ତାଙ୍କୁ ଜଣେ ସର୍ବଭାରତୀୟ ନେତାର ମର୍ଯ୍ୟାଦା ଦେଇଛି। ଉତ୍କଳରେ ବାସକରି ସେଠାକାର ଲୋକମାନଙ୍କର ସେବା କରିବାକୁ ତାଙ୍କ ମନରେ ଥିବା ଆବେଗକୁ ସେ ବାରମ୍ବାର ପ୍ରକାଶ କରିବା ସହ ସେ ସର୍ବକାଳୀନ, ଉତ୍ସର୍ଗୀକୃତ ନିଃସ୍ୱାର୍ଥପର ସେବକମାନଙ୍କ ଉଦ୍ୟମ ଫଳରେ ଓଡିଶାର ଦୁର୍ଦ୍ଦଶା ହଟାଇବାକୁ ଅହରହ ଉଦ୍ୟମ କରିଥିଲେ। ଜଣେ ସର୍ବଦଳୀୟ ନେତା ଭାବେ ତାଙ୍କ ପରାମର୍ଶ ରେ ତ୍ୟାଗ ତିତିକ୍ଷାର ମୂର୍ତ୍ତିମନ୍ତ ପ୍ରତୀକ ସି.ଏଫ. ଆଣ୍ଡୁଜ୍ କିଛିମାସ ଓଡିଶାରେ ଅବସ୍ଥାନ କରି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସହିତ ବନ୍ୟା ପ୍ରପିଡିତ ତଥା ଦରିଦ୍ର ଜନସାଧାରଣଙ୍କୁ ସେବା ପ୍ରଦାନ କରିଥିଲେ। ସେହିପରି ଜୀବରାମଜୀ କଲ୍ୟାଣଜୀ କୋଠାରି ନାମକ ଜଣେ ମହାତ୍ମା ଗାନ୍ଧୀଙ୍କ ପରାମର୍ଶକ୍ରମେ ଏହି କୋଟି କଙ୍କାଳ ମାଟିରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଓଡିଶାର ପ୍ରଳୟଙ୍କରୀ ବନ୍ୟାକୁ ସୁଦ୍ଧାରିବା ପାଇଁ ମହାତ୍ମା ଗାନ୍ଧୀ ବିଶିଷ୍ଟ ଯନ୍ତ୍ରୀ ବିଶ୍ୱେଶ୍ୱର ରାୟଙ୍କୁ ନିମନ୍ତ୍ରଣ କରିଥିଲେ। ଶ୍ରୀଯୁକ୍ତ ରାୟ ଓଡିଶାରେ ବାର ଦିନ ଅବସ୍ଥାନ କରି ବିଭିନ୍ନ ସ୍ଥାନକୁ ବ୍ୟାପକ ଭାବେ ପରିଦର୍ଶନ ଓ ଅନୁସନ୍ଧାନ କରି ତାଙ୍କର ସୁପାରିସ ପ୍ରଦାନ କରିବା ସହ ତାଙ୍କର ପାରିତୋଷିକ ଗ୍ରହଣ କରିନଥିଲେ। ଏପରିକି ନିଜର ଯାତାୟତ ଖର୍ଚ୍ଚ ମଧ୍ୟ ନେଇନଥିଲେ। ସେ ଦିନ ଗାନ୍ଧୀ କହୁଥିଲେ- "Orissa is the poorest province in India and this can be easily removed if every one uses khadi." ମାତ୍ର ଆଜିର ରାଜନେତାମାନେ ଖଦୀ ପିନ୍ଧିବାକୁ ନାକ ଟେକୁଛନ୍ତି। ଆମ ଦେଶର ପ୍ରଧାନମନ୍ତ୍ରୀ ଆଜି ଲକ୍ଷ ଲକ୍ଷ ଟଙ୍କାର ପୋଷାକ ପିନ୍ଧିବା ସହ ଗରୀବଙ୍କ ପ୍ରତି ଏକପ୍ରକାରର ବିଦ୍ରୁପ କରୁଛନ୍ତି। ମାତ୍ର ନିଜର ଗଳାଫଟା ଭାଷଣରେ ଗାନ୍ଧୀଙ୍କ ଗୁଣ ଗାନ କରୁଥିଲେ ମଧ୍ୟ ତାଙ୍କର କାଣିଚାଏ ଗୁଣକୁ ନିଜ ଜୀବନରେ ପ୍ରତିଫଳନ କରିପାରିନାହାଁନ୍ତି। ଗାନ୍ଧୀ ଏକ ଧାରାରେ ଥିଲେ ଜଣେ ବିଚକ୍ଷଣ ରାଜନୀତିଜ୍ଞ, ମହାନ ସମାଜ ସଂସ୍କାରକ ଏବଂ ଶିକ୍ଷା ସଂସ୍କାରକ। 'ମାଂଚେଷ୍ଟର ଗାଡିଆନ୍' ରେ ରାଜନୀତିଜ୍ଞ ମାନଙ୍କ ମଧ୍ୟରେ ସନ୍ଥ ଓ ସନ୍ଥ ମାନଙ୍କ ମଧ୍ୟରେ ରାଜନୀତିଜ୍ଞ ଭାବେ ଅଭିହିତ ଏହି ମହାମାନବଙ୍କ ସଂପର୍କରେ ଅଧ୍ୟୟନ ପାଇଁ ସର୍ବଭାରତୀୟ ସ୍ତରରେ ଆଠଗୋଟି ଶିକ୍ଷା-ପ୍ରତିଷ୍ଠାନ ସ୍ଥାପିତ ହୋଇଛି। ଏହି ମହା ମନୀଷି ଗାନ୍ଧୀଙ୍କ ଚିନ୍ତାଧାରାକୁ କେନ୍ଦ୍ରକରି ସମଗ୍ର ବିଶ୍ୱରେ ୩୫,୦୦୦ରୁ ଅଧିକ ଗବେଷଣାତ୍ମକ ପୁସ୍ତକ ରଚିତ ହୋଇଛି, ଯାହା ସୂଚିତ କରେ ଯେ ମହାତ୍ମାଗାନ୍ଧୀ କେବଳ ସମଗ୍ର ବିଶ୍ୱର ସର୍ବାଧିକ ଚର୍ଚ୍ଚିତ ନାମ। ସେ ମଧ୍ୟ ଥିଲେ ଜଣେ ଯଥାର୍ଥ ଶିକ୍ଷକ ଓ ଉତ୍କୃଷ୍ଟ ଶିକ୍ଷାବିତ୍। ତାଙ୍କ ମତରେ କେବଳ ପଠନ, ଲିଖନ ଓ ଗଣିତ ଶିକ୍ଷା ଜ୍ଞାନର ପରିସୀମା ନୁହେଁ। ' ସା ବିଦ୍ୟା ଯା ବିମୁକ୍ତୟେ '। ଏହି ପ୍ରାଚୀନ ଆପ୍ତବାକ୍ୟର ଉଦ୍ଧାର କରି ଗାନ୍ଧିଜୀ ଉଲ୍ଲେଖ କରିଥିଲେ ଯେ ମୁକ୍ତିର ଅର୍ଥ କେବଳ ଆଧାତ୍ମିକ ମୁକ୍ତି ନୁହେଁ କି ବିଦ୍ୟାର ଅର୍ଥ କେବଳ ଅଧାତ୍ମିକ ଜ୍ଞାନ ନୁହେଁ। ମାନବର କଲ୍ୟାଣ ଓ ସେବା ପାଇଁ ଆବଶ୍ୟକ, ମାନବକୁ ସକଳ ପ୍ରକାର ଦାସତ୍ୱରୁ ମୁକ୍ତ କରାଇବା ପାଇଁ ଉପଯୋଗୀ ସମସ୍ତ ଜ୍ଞାନର ଉପାର୍ଜନ ହିଁ ପ୍ରକୃତ ଶିକ୍ଷା। **(ହରିଜନ, ୧୦ ମାର୍ଚ୍ଚ ୧୯୪୬)**। ଆମେରିକା ପରି ଛାତ୍ରମାନେ ଯେପରି ନିଜ ନିଜ ପଢାଖର୍ଚ୍ଚ ନିଜେ ବହନ କରି ନିଜର ବିଦ୍ୟାଧ୍ୟୟନକୁ ଜାରି ରଖିପାରିବେ ସେପରି ସ୍ୱାବଲମ୍ବୀ କରାଇବାର ଶିକ୍ଷା ପ୍ରତ୍ୟେକ ଶିକ୍ଷାୟତନରେ ଜରୁରୀ ବୋଲି ସେ ନିଜର ଦୃଢ ମତ ଦେଇଥିଲେ। ନିଜର ମାତୃଭାଷାକୁ ମର୍ଯ୍ୟାଦା ଦେଇ କହିଥିଲେ- "proper teaching of Mother-tongue is the foundation of all education." ମାତୃଭାଷାକୁ ଶିକ୍ଷାର ମାଧ୍ୟମ ରୂପେ ଗ୍ରହଣ କରିବା ପାଇଁ ସେ ସଦା ସର୍ବଦା କହୁଥିଲେ। ତାଙ୍କର ମହାମନ୍ତ୍ର ସମଗ୍ର ନାରୀ ଜାତିକୁ ତେଜୋଦୀପ୍ତା, ସବଳା ଓ ବହ୍ନିକନ୍ୟାରେ ପରିଣତ କରିଥିଲା। ତାଙ୍କ ମତରେ ନିଶାକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରି ପ୍ରତ୍ୟେକ ରାଜ୍ୟ ଯଦି କର୍ମଚଂଚଳ ହୋଇଉଠେ ଏବଂ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଏ, ତେବେ ଅନଗ୍ରସରତା ଓ ଦାରିଦ୍ର୍ୟ ଆପଣାଛାଏଁ ଦୂରେଇଯିବ। ଗାନ୍ଧୀଙ୍କ ବିଚାରଧାରା, ନିତି ଆଦର୍ଶ, ଧାର୍ମିକ ଚିନ୍ତାଧାରା ତାଙ୍କୁ ଜଣେ ସର୍ବ ଭାରତୀୟ ନେତା ଭାବେ ସମଗ୍ର ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିଛି, ଯାହା ଆମପାଇଁ ଗର୍ବ ଓ ଗୌରବର ବିଷୟ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ବାଲେଶ୍ୱରରେ ଆନ୍ତର୍ଜାତିକ ପଥବିକ୍ରେତା ଦିବସ ପାଳିତ

ବାଲେଶ୍ୱର (ପିଏନ୍): ଗତକାଲି ବାଲେଶ୍ୱର ସହରର ସମସ୍ତ ଉଠାଦୋକାନୀ ତାଙ୍କ ପଥ ବିକ୍ରେତା କାର୍ଯ୍ୟ ବନ୍ଦ ରଖି ଆନ୍ତର୍ଜାତିକ ପଥ ବିକ୍ରେତା-ହକର ଦିବସ ପାଳନ କରିଛନ୍ତି। ୪ ଦଫାର ସଂକଳ୍ପ ନେଇ ଏହି ଆନ୍ତର୍ଜାତିକ ହକର ଓ ପଥବିକ୍ରେତା ଦିବସ ପାଳନ କରାଯାଇଛି। ୨୦୧୪ ମସିହାରେ ଭାରତ ସରକାରଙ୍କ ଦ୍ୱାରା ପ୍ରଣିତ 'ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରୟ ବିନିୟମ ଆଇନ-୨୦୧୪'ର କାର୍ଯ୍ୟକାରିତା ପାଇଁ ୨୦୧୫ରେ ଓଡ଼ିଶା ସରକାରଙ୍କ ଦ୍ୱାରା ବିଧାନସଭାରେ ଗିଲୋଟିନ୍ ମାଧ୍ୟମରେ ଅନୁମୋଦିତ ଓଡ଼ିଶା ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରୟ ବିନିୟମ ନିୟମାବଳୀ - ୨୦୧୫ କେନ୍ଦ୍ରୀୟ ଆଇନର ପରିପନ୍ଥୀ ହୋଇଥିବାରୁ କେନ୍ଦ୍ରୀୟ ଆଇନକୁ କାର୍ଯ୍ୟକାରୀ କରିବାପାଇଁ ଓଡ଼ିଶା ନିୟମାବଳୀ ସଂଶୋଧନ କରାଯାଉ। ପୂର୍ବରୁ ବାଲେଶ୍ୱର ସହରରେ ସର୍ଭେ ଭିତ୍ତିରେ ଚିହ୍ନଟ କରାଯାଇଥିବା ପ୍ରକୃତ ପଥବିକ୍ରେତା ଓ ପ୍ରଧାନମନ୍ତ୍ରୀ ସ୍ୱନିଧି ଋଣ ଯୋଜନାରେ ଏଲ୍.ଓ.ଆର. ଭିତ୍ତିରେ ଚିହ୍ନିତ ସମସ୍ତ ଉଠାଦୋକାନୀ ପଥବିକ୍ରେତାମାନଙ୍କୁ ସାର୍ଟିଫିକେଟ୍ ଅଫ୍ ଭେଣ୍ଡିଙ୍ଗ୍ ପ୍ରଦାନ କରାଯାଉ। (୨) ଜଳବାୟୁ ପରିବର୍ତ୍ତନର ବିଷବଳୟରେ ସମଗ୍ର ଜୀବଜଗତ ଓ ଜୈବ ବିବିଧତା ଧ୍ୱଂସ ପାଇବାକୁ ବସିଲାଣି। ବିବିଧତା ଧ୍ୱଂସ ହୋଇଚାଲିଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ଜୀବଜଗତର ସୁରକ୍ଷାପାଇଁ ପ୍ୟାରିସ୍ ଚୁକ୍ତିରେ ଫସିଲ ଜୀବାସ୍ମ ଇନ୍ଧନର ଖଣିଜ ଉତ୍ତୋଳନ ଓ ବ୍ୟବହାର ବନ୍‌ଦ ପାଇଁ ସ୍ୱାକ୍ଷର କରି ଆସିବା ପରେ ଭାରତ ସରକାର ଏହାର ପରିପନ୍ଥୀ ଭୂମିକା ନେଇ କୋଇଲାଖଣିର ଘରୋଇକରଣ ସହ ଅତ୍ୟଧିକ କୋଇଲା ଖନନ ସହ ଥର୍ମାଲ୍ ବିଦ୍ୟୁତ୍ ଉତ୍ପାଦନ ବଢ଼ାଇ ଚାଲିଛନ୍ତି। ତେଣୁ ଅବିଳମ୍ବେ କୋଇଲା ଖଣି ଖନନ ବନ୍ଦ କରି ଅକ୍ଷୟ ଉର୍ଜା ବ୍ୟବହାର ଓ ପ୍ରୋତ୍ସାହନ ଦେଇ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ଉଦ୍‌ବେଗଜନକ ବିଷବଳୟ ସୃଷ୍ଟି କଲେଣି। ଏହାଛଡ଼ା ସହର ବିକାଶ ନାମରେ ଆଖିବୁଜା ଗଛ କାଟିବା ସହ ସହରାଞ୍ଚଳ ଲୋକଙ୍କୁ ଅମ୍ଳଜାନରୁ ବଞ୍ଚିତ କରିଚାଲିଛନ୍ତି। ତେଣୁ ସହରାଞ୍ଚଳବାସୀ ଅମ୍ଳଜାନ ଯୋଗାଣ ପାଇଁ ପ୍ରତି ରାସ୍ତା ପାର୍ଶ୍ୱରେ ନିମ୍ବ ଏବଂ ଅଶ୍ୱ ବୃକ୍ଷରୋପଣ କରିବା, (୩) ଇ-କମର୍ସ ନାମରେ ଭାରତର ସାଧାରଣ ଖାଉଟିଙ୍କ ଅର୍ଥ ବିଦେଶକୁ ଚାଲିଯିବା ଫଳରେ ଜାତୀୟ ଅର୍ଥନୀତି ଭୁଷୁଡ଼ି ପଡ଼ିବାର ଆଶଙ୍କା ଥିବାରୁ ଇ-କମର୍ସରେ ବିଦେଶୀ ଓ ଦେଶୀ ବହୁଜାତୀୟ ପୁଞ୍ଜି ଉପରେ ଅଙ୍କୁଶ ଲଗାଇବା ସହ ସୁନିୟନ୍ତ୍ରୀତ କରିବାପାଇଁ ଦାବି କରାଯାଇଛି। (୪) ଦେଶର ସ୍ୱାଧୀନତା ଆନ୍ଦୋଳନର ମୂକସାକ୍ଷୀ ଥିବା ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ମିଶନ ଶକ୍ତିର ସପିଙ୍ଗ୍ କମ୍ପ୍ଲେକ୍ସ ନିର୍ମାଣ ବନ୍ଦ କରାଯାଉ ଓ ନିର୍ମାଣାଧୀନ ଗୃହ ସ୍ୱାଧୀନତା ଆନ୍ଦୋଳନ ସଂଗ୍ରହାଳୟ ପାଇଁ ହସ୍ତାନ୍ତର କରିବାକୁ ଦାବି କରାଯାଇଛି। ଏହି ପ୍ରତିଷ୍ଠା ଦିବସରେ ଓଡ଼ିଶା ପଥବିକ୍ରେତା ସଂଘ ସଭାପତି ତଥା ନେଶନାଲ ହକର ଫେଡେରେଶନର ଅତିରିକ୍ତ ସାଧାରଣ ସଂପାଦକ ଜୟନ୍ତ ଦାସ ପରିବେଶ ସୁରକ୍ଷିତ ହେଲେ ସମାଜ ସୁରକ୍ଷିତ ହେବ, ସମାଜ ସୁରକ୍ଷିତ ହେଲେ ଜୀବିକା ସୁରକ୍ଷିତ ହେବ ବୋଲି ସୂଚନା ଦେଇ ନେଶନାଲ ହକର ଫେଡେରେସନ୍‌ର ସଂକଳ୍ପ ଘୋଷଣା କରିଥିଲେ। ଏହି ସଂକଳ୍ପ ଉପସ୍ଥିତ ସମସ୍ତ ପଥବିକ୍ରେତା ସାମୂହିକ ସଂକଳ୍ପ ପାଠ କରିଥିଲେ। ଏହି ଆନ୍ତର୍ଜାତିକ ଦିବସରେ ଭିଟାମାଟି ସୁରକ୍ଷା ଆନ୍ଦୋଳନର ନେତା ଅରୁଣ ଜେନା, ପଥବିକ୍ରେତା ସଂଘର ଉପସଭାପତି ଆବିଦ୍ ଖାନ୍, ସମ୍ପାଦକ ମୋହିନୀ ମୋହନ ପରିଡ଼ା, ସହସଂପାଦକ ଅଭିରାମ ବାରିକ୍, ମନୋଜ ରାଠୋର, ଟିଭିସି ସଦସ୍ୟ ରାମଚନ୍ଦ୍ର ପରିଡ଼ା, ଟିପିରି ସିଂ, ସହଦେବ ମହାନ୍ତି, ସେକ୍ ଆଦିଲ୍ ଅଲୀ, ରତନ ଗିରି, ରାଜେଶ ପଣ୍ଡା, ଦିବାକର ଜେନା, ପ୍ରଶାନ୍ତ ସେଠୀ, ରେଶମା ବିବି, ସାରଥୀ ମହାନ୍ତ, ଫୁଲମଣି ସିଂ, ଜୟନ୍ତୀ ଦାସ, ପ୍ରଶାନ୍ତ ସେଠୀ, ପ୍ରଦୀପ ସେଣ, ଶରତ କୁମାର ସେଠୀ, ନିତ୍ୟଚରଣ ସାହୁ, ବରୁଣ କୁମାର ଦାସ, ଶଶିଧର ନାଥ, ଶରତ କୁମାର ରାୟ, ବିଜୟ ବାରିକ, ସେକ୍ ସଫିବୁଲ୍, ରାମଜୀ ପାଣ୍ଡେ, ସେକ୍ ରାଜିକ୍, ରହିମ୍ ଖାନ୍, ସେକ୍ ରିୟାଜ୍, ପୂର୍ଣ୍ଣ ଦାସ, ମହମ୍ମଦ ମୁସ୍ତାଫା, ବି. ପଓ୍ୱନ ପଟ୍ଟନାୟକ, ସେକ୍ ଇସ୍‌ଲାମ୍, କୁଳମଣି ସାହୁ, ଇତ୍ୟାଦିଙ୍କ ନେତୃତ୍ୱରେ ଗାନ୍ଧିସ୍ମୃତିଭବନ ନିକଟରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ତର୍ଜାତିକ ପଥବିକ୍ରେତା ଦିବସର ସମାବେଶ ଅନୁଷ୍ଠିତ ହୋଇଥିଲା।

## ସହଯୋଗର ହାତ ବଢାଇଲେ ସାମାଜିକକର୍ମୀ



ଭୁବନେଶ୍ୱର (ପିଏନ୍): ବୟସ୍ ପାଖାପାଖି ୭୭ ହେବ। ଭଲ ନାଁ ଅନ୍ତର୍ଯ୍ୟାମୀ ସାହୁ। ଶ୍ରୀ ସାହୁଙ୍କ ଘର ନୟାଗଡ଼ ଜିଲ୍ଲା କଣ୍ଟିଲୋ ଗ୍ରାମରେ। ଗଛସାର୍ ନାମରେ ରାଜ୍ୟରେ ସେ ବେଶ୍ ସୁପରିଚିତ। ପରିବେଶ ସୁରକ୍ଷା ପାଇଁ ଅହରହ ଲଢେଇ କରୁଥିବା ଏ ପରିବେଶ ଯୋଦ୍ଧା ଆଗରେ ବୟସ ବି ହାର ମାନିଛି। ଛାତିରେ ଲାଗିଛି ଏକ ମେସିନ୍। ଆଗଭଳି ଶରୀରେ ବଳ ନଥିଲେ ବି ତଥାପି ସେ ହାର୍ ମାନିନାହାଁନ୍ତି। ଏ ବୟସରେ ନିଜ ଘରଦୁଆର ଛାଡ଼ି ସକାଳୁ ସନ୍ଧ୍ୟା ଯାଏଁ ଏ ଗାଁରୁ ସେ ଗାଁକୁ ବୁଲି ଗଛଟିଏ ଲଗାଇବା ହେଉ କି ମଞ୍ଜି ସଂଗ୍ରହ ହେଉ କି ଲୋକଙ୍କୁ ପରିବେଶ ପ୍ରତି ଜାଗ୍ରତ କରାଇବା ହେଉ ଏହା ତାଙ୍କର ନିତିଦିନିଆ କାର୍ଯ୍ୟ। ହାର୍ଟ ଅପରେସନ୍ ଯୋଗୁଁ ଜୋର୍‌ରେ କଥା କହିବାକୁ ଡ଼ାକ୍ତର ବାରଣ କରିଥିବାରୁ ପରିବେଶ ସମ୍ବନ୍ଧୀୟ ଅନୁଭୂତି, ବିଭିନ୍ନ ସମସ୍ୟା, କ୍ଷୟକ୍ଷତି, ଅଗ୍ରଗତି, ଜନସାଧାରଣଙ୍କ ପରିବେଶ ପ୍ରତି କର୍ତ୍ତବ୍ୟ, ଜଙ୍ଗଲ ପୋଡ଼ି ଇତ୍ୟାଦି ସମ୍ପର୍କରେ ବିଭିନ୍ନ ବିଷୟବସ୍ତୁକୁ କିପରି ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇ ପାରିବେ ସେ ଚିନ୍ତାରେ ପଡ଼ିଯାଇଥିଲେ ଗଛସାର୍। ଏବେ ସେ ଚିନ୍ତା ଦୂର ହୋଇଯାଇଛି। ରାଜଧାନୀ ଭୁବନେଶ୍ୱରର ସାମାଜିକ କର୍ମୀ ତଥା ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ ଏକ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବ୍ଲୁଟୁଥ୍ ସ୍ପିକର ଗଛସାର୍‌ଙ୍କୁ ପ୍ରଦାନ କରିଛନ୍ତି। ଏହି ଯନ୍ତ୍ରଟିରେ ଭଏସ୍ ରେକର୍ଡ଼ିଂ ସହ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ରହିଛି। ଯାହା ଜନସାଧାରଣଙ୍କୁ ସଚେତନତା ସୃଷ୍ଟି କରିବାରେ ବେଶ୍ ସହାୟକ ହୋଇପାରିବ। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକଠାରେ ସ୍ଥାପିତ ଘୋଡ଼ା ସମ୍ମୁଖରେ ସାମାଜିକ କର୍ମୀ ସୁଶାନ୍ତ ସାହୁ, ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଶା ଶାଖାର ସମ୍ପାଦକ ଦେବାଶିଷ ପଟ୍ଟନାୟକ, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡାଙ୍କ ଉପସ୍ଥିତିରେ ଗଛସାର୍‌ଙ୍କୁ ଏହି ମେସିନ୍‌ଟି ପ୍ରଦାନ କରାଯାଇଛି। ଏହି ମେସିନ୍‌ଟି ମୋର କାର୍ଯ୍ୟକୁ ଆଉ ଗୋଟିଏ ପାଦ ଆଗକୁ ନେବ ବୋଲି 'ଗଛସାର୍' ଆଶାପ୍ରକଟ କରିବା ସହ ଉପସ୍ଥିତ ସାମାଜିକ କର୍ମୀଙ୍କୁ ସାଧୁବାଦ ଜଣାଇଥିଲେ।

